Bhubaneswar- 31 may 2026
ଭୁବନେଶ୍ୱର- ୩୧ ମେ' ୨୦୨୬
Vol- 1 Issue - 35
ଭାଗ- ୧ ସଂଖ୍ୟା- ୩୫
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

# ମନ୍ତ୍ରୀମାନଙ୍କ କାର୍ଯ୍ୟଦକ୍ଷତା ପରଖିବେ ମୁଖ୍ୟମନ୍ତ୍ରୀ

- ୨ ରୁ ୯ ରିପୋର୍ଟ କାର୍ଡ ସମୀକ୍ଷା
- ନିର୍ଦ୍ଧାରିତ ଫର୍ମାଟରେ ରିପୋର୍ଟ କାର୍ଡ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ
- ପ୍ରଥମ ଉପମୁଖ୍ୟମନ୍ତ୍ରୀ ବିଭାଗଗୁଡ଼ିକର ସମୀକ୍ଷା





**ଭୁବନେଶ୍ୱର :** ମନ୍ତ୍ରୀମାନଙ୍କର କାର୍ଯ୍ୟଦକ୍ଷତା ଓ ପ୍ରଦର୍ଶନ ପରଖିବେ ମୁଖ୍ୟମନ୍ତ୍ରୀ। ରାଜ୍ୟର ବିଜେପି ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ସବୁ ବିଭାଗର ମନ୍ତ୍ରୀମାନଙ୍କୁ ନିର୍ଦ୍ଧାରିତ ଫର୍ମାଟରେ ରିପୋର୍ଟ କାର୍ଡ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୧୬ପୃଷ୍ଠାର ଫର୍ମାଟରେ ମନ୍ତ୍ରୀମାନେ ବିଗତ ୨ବର୍ଷର ବିସ୍ତୃତ ତଥ୍ୟ ସହ ମୁଖ୍ୟମନ୍ତ୍ରୀଙ୍କ ପାଖରେ ନିଜ କାର୍ଯ୍ୟ ଓ ବିଭାଗର କାର୍ଯ୍ୟର ବିବରଣୀ ରଖିବେ।

ଆସନ୍ତା ଜୁନ୍ ୨ ତାରିଖରୁ ମନ୍ତ୍ରୀମାନଙ୍କ ରିପୋର୍ଟ କାର୍ଡ ସମୀକ୍ଷା ପ୍ରକ୍ରିୟା ଆରମ୍ଭ ହେବ ଓ ପ୍ରଥମଦିନରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓଙ୍କ ବିଭାଗର କାର୍ଯ୍ୟକାରିତା ଓ କାର୍ଯ୍ୟଦକ୍ଷତାର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ। ଜୁନ୍ ୯ତାରିଖ ମଧ୍ୟରେ ସମସ୍ତ ମନ୍ତ୍ରୀମାନଙ୍କ ରିପୋର୍ଟ କାର୍ଡର ସମୀକ୍ଷା କାର୍ଯ୍ୟ ଶେଷ ହେବ। ମୋହନ ମାଝୀଙ୍କ ସରକାର ଜୁନ୍ ୧୨ ତାରିଖରେ ବର୍ଷପୂର୍ତ୍ତି ଅବସରରେ ରାଜ୍ୟବାସୀଙ୍କ ଆଗରେ ଦୁଇ ବର୍ଷର ସଫଳତା ରିପୋର୍ଟ ଉପସ୍ଥାପନ କରିବାକୁ ନିଷ୍ପତ୍ତି ନେଇଥିବାରୁ ଏହି ଆଭ୍ୟନ୍ତରୀଣ ରିପୋର୍ଟ କାର୍ଡ ସମୀକ୍ଷା ବେଶ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି।

ଶନିବାର ଏ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ଶିକ୍ଷ ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି ଯେ, ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ପାଇଁ ଆସନ୍ତା ୨ରୁ ୯ତାରିଖ ପର୍ଯ୍ୟନ୍ତ ବିଭାଗଗୁଡ଼ିକର ପ୍ରଦର୍ଶନର ସମୀକ୍ଷା ମୁଖ୍ୟମନ୍ତ୍ରୀ କରିବେ। ପ୍ରଥମଦିନ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓଙ୍କର ବିଭାଗଗୁଡ଼ିକର ସମୀକ୍ଷା ପାଇଁ ସ୍ଥିରୀକୃତ ହୋଇଛି। ନିଜ ବିଭାଗ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ, ଦୁଇ ବର୍ଷ ଭିତରେ ଆମ ବିଭାଗ ପକ୍ଷରୁ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରାଯାଇଛି। ପୂର୍ବରୁ ଓଡ଼ିଶାରେ କେବଳ ମେଟାଲ ସେକ୍ଟରରେ ଅଧିକ ପୁଞ୍ଜିନିବେଶ ଆସୁଥିବାବେଳେ ଏବେ ଅକ୍ଷୟ ଶକ୍ତି, ଆଇଟି, ଖାଦ୍ୟ ପ୍ରକ୍ରିୟାକରଣ ଓ ସେମି କଣ୍ଡକ୍ଟର ଭଳି ଆଧୁନିକ ତଥା ନୂତନ କ୍ଷେତ୍ରରେ ବ୍ୟାପକ ପୁଞ୍ଜି ଆସୁଛି। କେବଳ ପୁଞ୍ଜିନିବେଶ ନୁହେଁ, ବରଂ ପ୍ରକଳ୍ପର ଗ୍ରାଉଣ୍ଡିଙ୍ଗ ଯାଏଁ ସମସ୍ତ ଦିଗକୁ ବିଭାଗ ସୂଚାରୁ ରୂପେ ତଦାରଖ କରୁଛି। ଦକ୍ଷତା ବିକାଶ କ୍ଷେତ୍ରରେ ଆମ ଓଡ଼ିଆ ପିଲାମାନେ ବିଶ୍ୱସ୍ତରରେ ବଡ଼ ସଫଳତା ହାସଲ କରୁଛନ୍ତି ଓ ରାଜ୍ୟର ସମସ୍ତ ଆଇଟିଆଇ କେନ୍ଦ୍ର ଗୁଡ଼ିକୁ ଅଧିକ ସଶକ୍ତ କରାଯାଇଛି। ଶିକ୍ଷ ବିଭାଗ ପକ୍ଷରୁ ମଧ ସମ୍ପୂର୍ଣ୍ଣ ତଥ୍ୟ ସହ ରିପୋର୍ଟ ପ୍ରସ୍ତୁତ କରାଯାଉଛି ଯାହାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ , ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୧୭ପୃଷ୍ଠାର ଏକ ବିସ୍ତୃତ ରୋଡମ୍ୟାପ ପ୍ରସ୍ତୁତ ହୋଇଛି, ଯେଉଁଥିରେ ୧୬ଟି ସ୍ଲାଇଡ୍ ସମ୍ବଳିତ ନିର୍ଦ୍ଦିଷ୍ଟ ଢ଼ାଞ୍ଚାରେ ପ୍ରତିଟି ବିଭାଗର ଗଭୀର ଆକଳନ କରାଯିବ।ପ୍ରଥମ ପର୍ଯ୍ୟାୟରେ ମନ୍ତ୍ରୀମାନେ ନିଜ ବିଭାଗର ମୁଖ୍ୟ ଉଦ୍ଦେଶ୍ୟ ଓ ଯୋଜନା ସମେତ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଧାର୍ଯ୍ୟ ବଜେଟ୍ ଅନୁଦାନ ତୁଳନାରେ ପ୍ରକୃତ ଖର୍ଚ୍ଚ ଓ ହାସଲ ହୋଇଥିବା ସଫଳତାର ସଠିକ୍ ପରିସଂଖ୍ୟାନ ସ୍କିମ୍-ୱାରୀ ଉପସ୍ଥାପନ କରିବେ। ବିଧାନସଭାରେ ମନ୍ତ୍ରୀମାନଙ୍କ ପ୍ରଦର୍ଶନ, ଉପସ୍ଥିତି, ନୂଆ ଆଇନ ପ୍ରଣୟନ, ମୁଲତବୀ ପ୍ରସ୍ତାବର ସଂଖ୍ୟା ଓ ଉତ୍ତର, ଗୃହରେ ହୋଇଥିବା ବିଭିନ୍ନ ବିଭାଗୀୟ ଆଲୋଚନା ତଥା ଗୃହ ଅଚଳ ହେବାର କାରଣ ଗୁଡ଼ିକୁ ସେସନ ୱାରୀ ଯାଂଚ କରାଯିବ। ଜନସାଧାରଣଙ୍କ ସମସ୍ୟାର ସମାଧାନ ବା ଗ୍ରିଭାନ୍ସ ରେଡ୍ରେସାଲ୍ ପ୍ରକ୍ରିୟା ଉପରେ ଏହି ସମୀକ୍ଷାରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଜନଶୁଣାଣି ପୋର୍ଟାଲ, ପ୍ରତ୍ୟକ୍ଷ ଶୁଣାଣି ଓ ସୋସିଆଲ ମିଡିଆ ମାଧ୍ୟମରେ ଆସିଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ କେତେ ପ୍ରତିଶତ ଅଭିଯୋଗର ସମାଧାନ ୭ଦିନ, ୨୧ ଦିନ ଓ ୪୫ଦିନ ଭିତରେ କରାଯାଇଛି ତଥା କେତେ ପେଣ୍ଡିଂ ରହିଛି, ସେ ସମ୍ପର୍କିତ ସମ୍ପୂର୍ଣ୍ଣ ଡାଟା ତାରିଖ ଓ ସ୍ଥାନ ସହ ମୁଖ୍ୟମନ୍ତ୍ରୀଙ୍କ ସାମ୍ନାରେ ରଖିବାକୁ ମନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଶାସନିକ ଦକ୍ଷତା ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ଆକଳନ ପାଇଁ 'ଓସୱାସ' ପ୍ଲାଟଫର୍ମ ଆଧାରରେ ରୁଟିନ୍, ପ୍ରୋଗ୍ରାମ ଓ ପଲିସିଗତ ଫାଇଲ ଗୁଡ଼ିକର ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ମନ୍ତ୍ରୀମାନେ ୭୨ ଘଣ୍ଟା, ୭ ଦିନ କିମ୍ବା ୩୦ ଦିନରୁ ଅଧିକ ସମୟ ନେଉଛନ୍ତି କି ନାହିଁ ତାହାର ବର୍ଷୱାରୀ ହିସାବ ଦେବେ। ଏହାସହିତ ମନ୍ତ୍ରୀମାନେ ନିଜ ସ୍ତରରେ କରିଥିବା ସ୍ୱତନ୍ତ୍ର ମନିଟରିଂ ଓ ଇଭାଲ୍ୟୁଏସନ ବୈଠକର ସଫଳତା , ପ୍ରକଳ୍ପଗୁଡ଼ିକର କ୍ଷେତ୍ରସ୍ତରୀୟ ତଦାରଖ ପାଇଁ ସେମାନେ କରିଥିବା ଜିଲ୍ଲା ଗସ୍ତର ବିବରଣୀ ଓ ସ୍ୱତନ୍ତ୍ର ଦାୟିତ୍ୱ (ଯେପରିକି ବିପର୍ଯ୍ୟୟ ପରିଚାଳନା କିମ୍ବା ଧାନ ସଂଗ୍ରହ ତଦାରଖ)ର ଆଉଟକମ୍ ଉପସ୍ଥାପନ କରିବେ। ତେବେ ସାଧାରଣ ସରକାରୀ କିମ୍ବା ରାଜନୈତିକ କାର୍ଯ୍ୟକ୍ରମର ଗସ୍ତକୁ ଏଥିରେ ସାମିଲ ନକରିବାକୁ କୁହାଯାଇଛି।

## ଆୟୁଷ୍ମାନ କାର୍ଡଧାରୀଙ୍କୁ ଖୁସୀ ଖବର

# ଆଡମିଶନର ୩ ଦିନ ପୂର୍ବରୁ ଫ୍ରି'ରେ ଟେଷ୍ଟ





**ଭୁବନେଶ୍ୱର :** 'ରୋଗୀ ହସ୍ପିଟାଲରେ ଆଡମିଟ୍ ହେବାର ୩ ଦିନ ପୂର୍ବରୁ ମେଡିକାଲ୍ ପରୀକ୍ଷା ଆୟୁଷ୍ମାନ କାର୍ଡରେ ହେବ। ଆଡମିଟ ହେବାର ୩ ଦିନ ପୂର୍ବରୁ ଟେଷ୍ଟ ହେଲେ ତାହା ଆୟୁଷ୍ମାନ ପ୍ୟାକେଜରୁ ବହନ କରାଯିବ। ଗାଇଡ୍‌ଲାଇନ୍ ଅମାନ୍ୟ କଲେ ସମ୍ପୃକ୍ତ ହସ୍ପିଟାଲ୍ ବିରୋଧରେ ଆକ୍ସନ ନିଆଯିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ। ଶନିବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ବୈଠକରେ ଉପସ୍ଥିତ ସମସ୍ତ ତାଲିକାଭୁକ୍ତ ବେସରକାରୀ ହସ୍ପିଟାଲକୁ ନିର୍ଦ୍ଦେଶ ଦେଇଛନ୍ତି ମାନ୍ୟବର ମନ୍ତ୍ରୀ ଡ଼. ମହାଲିଙ୍ଗ। ଆୟୁଷ୍ମାନ ଯୋଜନାର ହିତାଧିକାରୀଙ୍କୁ ଭଲ ବ୍ୟବହାର ଓ ଆତିଥ୍ୟ ପ୍ରଦାନ ପୂର୍ବକ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ ସମସ୍ତ ବେସରକାରୀ ହସ୍ପିଟାଲଗୁଡ଼ିକୁ ମାନ୍ୟବର ମନ୍ତ୍ରୀ କହିଛନ୍ତି। ମେଡିକାଲକୁ ଆସୁଥିବା ଅଧିକ ପ୍ରତିଶତ ଲୋକ ଆୟୁଷ୍ମାନ ଯୋଜନା ହିତାଧିକାରୀ। ସେମାନଙ୍କ ସୁବିଧା ପାଇଁ ହେଲ୍ପ ଡେସ୍କ କରିବାକୁ ସମସ୍ତ ମେଡିକାଲକୁ କହିଥିଲେ। ସାହାଯ୍ୟପୂର୍ଣ୍ଣ ପରିବେଶରେ ଚିକିତ୍ସା ପାଇଲେ ହସ୍ପିଟାଲର ସୁନାମ ବଢ଼ିବ। ବୈଠକରେ ଯୋଜନା ଅଧୀନରେ ରୋଗୀମାନଙ୍କୁ ଗୁଣାତ୍ମକ ଏବଂ କ୍ୟାଶଲେସ୍ ଚିକିତ୍ସା ସେବା ନିଶ୍ଚିତ କରିବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ ଯେ, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ମାଧ୍ୟମରେ ରାଜ୍ୟର କୋଟି କୋଟି ଲୋକ ଉପକୃତ ହେଉଛନ୍ତି। ତେଣୁ ଯୋଜନାର ସଫଳତା ପାଇଁ ହସ୍ପିଟାଲମାନଙ୍କ ସହଯୋଗ ଅତ୍ୟାବଶ୍ୟକ। ଯୋଜନା ଅଧୀନରେ ଚିକିତ୍ସା ପାଇଁ ଆସୁଥିବା ପ୍ରତ୍ୟେକ ହିତାଧିକାରୀଙ୍କୁ ସମ୍ମାନଜନକ ଓ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାକୁ ସେ ସମସ୍ତ ହସ୍ପିଟାଲକୁ ଆହ୍ୱାନ କରିଛନ୍ତି। ବେସରକାରୀ ହସ୍ପିଟାଲ ପ୍ରତିନିଧିମାନେ ଯୋଜନା କାର୍ଯ୍ୟାନ୍ୱୟନ ସମ୍ବନ୍ଧୀୟ ବିଭିନ୍ନ ଅଭିଜ୍ଞତା, ସମସ୍ୟା ଓ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ସରକାରଙ୍କ ପକ୍ଷରୁ ସେ ଦିଗଗୁଡ଼ିକ ଉପରେ ଆଲୋଚନା ହେବ ବୋଲି କୁହାଯାଇଛି। ବୈଠକରେ ସ୍ୱାସ୍ଥ୍ୟ ବିଭାଗର ସଚିବ ତଥା କମିସନର ଅଶ୍ୱତୀ ଏସ. , ଜାତୀୟ ସ୍ୱାସ୍ଥ୍ୟ ମିସନ ଏମ ଡି ଡ଼. ବୃନ୍ଦା ଡ଼ି, ବରିଷ୍ଠ ଅଧିକାରୀ ଏବଂ ବିଭିନ୍ନ ବେସରକାରୀ ହସ୍ପିଟାଲର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ସରକାରଙ୍କୁ ୧୦ ଦିନର ମହଲତ

# ବଢ଼ାଅ ବସ୍ ଭଡା, ନ ହେଲେ ଧର୍ମଘଟ



**ଭୁବନେଶ୍ୱର:** ବସ୍ ଭଡା ନବଢିଲେ ରାଜ୍ୟରେ ଘରୋଇ ବସ୍ ଧର୍ମଘଟ ଚେତାବନୀ।ଡିଜେଲ ସହ ବସ୍‌ବ୍ୟବସାୟରେ ଆନୁସଙ୍ଗିକ ଜିନିଷର ମୂଲ୍ୟ ବୃଦ୍ଧି ଘଟିଛି। ଏହା ସହବୀମା ଓ ଟିକସ୍ ମଧ ବଢ଼ିଛି। ଏଭଳି ପରିସ୍ଥିତିରେ ସର୍ବନିମ୍ନ ବସ୍ ଭଡା ବୃଦ୍ଧି ନହେଲେ ଯାତ୍ରା ପରିବହନବ୍ୟବସାୟ କରିବା ଅସମ୍ଭବ ବୋଲି କହିଛି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ।ଏ ନେଇ ଶନିବାର କଟକରେ ଆୟୋଜିତ ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟକାରିଣୀ ବୈଠକରେ ଆଲୋଚନା ହେବା ସହ ବସ୍ ଭଡା ସଂଶୋଧନ ପାଇଁ ସରକାରଙ୍କୁ ୧୦ଦିନ ମହଲତ ଦିଆଯାଇଛି। ସରକାର ୧୦ଦିନ ଭିତରେ କିଛି ନିଷ୍ପତ୍ତି ନନେଲେ ରାଜ୍ୟରେ ଘରୋଇ ବସ୍ ଚଳାଚଳ ବନ୍ଦ କରିବାକୁ ମାଲିକ ସଂଘ ବାଧ ହେବୁ ବୋଲି କହିଛି। ସରକାର ଦାବି ନଶୁଣିଲେ ଜୁନ୍ ୧୦ପରେ ରାଜ୍ୟରେ ଘରୋଇ ବସ୍ ଚଳାଚଳ ବନ୍ଦ କରିବାକୁ ବସ୍ ମାଲିକ ସଂଘ ନିଷ୍ପତ୍ତି ନେଇଛି । କଟକରେ ଆୟୋଜିତ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟକାରିଣୀ ବୈଠକରେ ଏହି ଭଳି ନିଷ୍ପତ୍ତି ନିଆଯାଇଛି।

ଅଟୋମୋଟିକ ମେକାନିଜିମ ମାଧ୍ୟମରେ ଡିଜେଲ ଦର ବଢ଼ିଲେ ବାକମିଲେ ବସ୍ ଭଡା ସଂଶୋଧନ ହେଉଥିଲା। କିନ୍ତୁ ଏବେ ନିୟମିତ ବ୍ୟବଧାନରେ ଡିଜେଲ ଦର ବଢ଼ିଚାଲିଥିବା ବେଳେ ସେହି ଅନୁପାତରେ ବସ୍ ଭଡା ବୃଦ୍ଧି କରାଯାଇନଥିବା ବସ୍ ମାଲିକ ସଂଘ କହିଛି। ଏହା ସହ ବସ୍ ଚେସିସ୍,ଟାୟାର,ଲୁବ୍ରିକାଣ୍ଟ ଦର ସହବୀମା ଓ ଟିକସ୍ ମଧ ଗତ ୧୦ବର୍ଷ ଭିତରେ ବହୁ ମାତ୍ରାରେ ବଢ଼ିଛି। ଏହି ମର୍ମରେ ରାଜ୍ୟ ସରକାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।ଯଦି ସରକାର ୧୦ଦିନ ଭିତରେ କୌଣସି ନିଷ୍ପତ୍ତି ନନିଅନ୍ତି, ତେବେ ରାଜ୍ୟରେ ଘରୋଇ ବସ୍ ସେବା ବନ୍ଦ କରିବା ପାଇଁ ସଙ୍ଘ ବାଧ ହେବ ବୋଲି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ କହିଛନ୍ତି।

## ୪୦ତମ ଦିବସରେ ରଥଖଳା ହାଲ୍‌ଚାଲ୍

# ପାଞ୍ଚଦଣ୍ଡାରେ କୁଡୁକା ସଂଯୋଗ

- ଦଣ୍ଡା ଫ୍ରେମ ହେଲା ନମ୍ବରିଙ୍ଗ
- ତିନିରଥର ନାଟଗୋଡ଼ ପଟାରେ ମୁଖ ସାଲ କାର୍ଯ୍ୟ ଆରମ୍ଭ



**ପୁରୀ:** ଶନିବାର ରଥ ନିର୍ମାଣର ୪୦ତମ ଦିବସରେ ନିର୍ମାଣକାରୀ ସେବକ ମାନେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନ ପ୍ରକାରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ତିନିରଥ ର ପାଞ୍ଚଦଣ୍ଡାରେ ମୁହାଁଟ ସଂଯୋଗ ପରେ ଆଗ ମୁହାଁଟ ରେ ୫ ଟି ସାଲଗୁଜ ଏବଂ ପଛ ମୁହାଁଟ ରେ ତିନୋଟି ଲେଖାଏଁ ଜଳଯନ୍ତ୍ର ଶେଷ ଦୁଇପାର୍ଶ୍ୱରେ ଗୋଟିଏ ଗୋଟିଏ କୋଣ ଗୁଜ ଉଠିଥିଲା । ତିନିରଥର ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ସହଯୋଗୀ ମହାରଣା ତଥା ଭୋଇ ସେବକ ମାନଙ୍କ ସହଯୋଗରେ ଶେଷ ହୋଇଛି ତିନିରଥର ଚେଚିସ୍ ବା ଦଣ୍ଡାଫ୍ରେମ୍ ର ନିର୍ମାଣ କାର୍ଯ୍ୟ । ତିନିରଥର ପାଞ୍ଚଦଣ୍ଡା ରେ ମୁହାଁଟ ସଂଯୋଗ ପରେ ଆଗ ଆଣି ମୁହାଁଟ ରେ ପାଞ୍ଚୋଟି ସାଲ ଗୁଜ ଏବଂ ପଛ ଆଣି ମୁହାଁଟ ରେ ତିନିଗୋଟି ଜଳଯନ୍ତ୍ର(ପାର୍ଶ୍ୱ ଦେବତାଙ୍କ ଆସ୍ଥାନ ଖଞ୍ଜିବା ପାଇଁ) ଏବଂ ଦୁଇ ପାର୍ଶ୍ୱରେ ଗୋଟିଏ ଗୋଟିଏ କୋଣ ଗୁଜ ଉଠି ସେହି ଗୁଜ ଉପରେ ନିରାଡ଼ି ସଂଯୋଗ ହୋଇଥିଲା, ଆଜି ପାଞ୍ଚ ଦଣ୍ଡାର ଦୁଇ ପାର୍ଶ୍ୱରେ କୁଡୁକା ସଂଯୋଗ ହୋଇ ପାର୍ଶ୍ୱ ଦଣ୍ଡା ସଂଯୋଗ ସହ ପାର୍ଶ୍ୱ ଦଣ୍ଡା ଗୁଡିକରେ ଉଭୟ ପାର୍ଶ୍ୱରେ ୬ ଟି ଲେଖାଏଁ ୧୨ ଗୋଟି ଅସୁଆରେ ଏବଂ ୪ ଟି ଲେଖାଏଁ ୮ ଗୋଟି ତୀଖ ଗୁଜ ବସିବା ପାଇଁ ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ଉକ୍ତ ଦଣ୍ଡାଫ୍ରେମ୍ ଗୁଡ଼ିକର ନମ୍ବରିଙ୍ଗ କାର୍ଯ୍ୟ ବାକି ରହିଛି, ନମ୍ବରିଙ୍ଗ ପରେ ଦଣ୍ଡା ଫ୍ରେମ୍ ଖୋଲା ଯାଇ ସାଇତା କାର୍ଯ୍ୟ ସମ୍ପନ୍ନ ହେବ। ଏଥିସହ ଆଜି ତିନିରଥର ୮ ଟି ଲେଖାଏଁ ନାଟଗୋଡ଼ ପଟା ରେ ମୁଖ ସାଲ କାର୍ଯ୍ୟ ଆରମ୍ଭ ହୋଇଅଛି।ଆଜି ସୁଦ୍ଧା ନନ୍ଦିଘୋଷ ରଥ ଏବଂ ତାଳ ଧ୍ୱଜ ରଥର ପୋଲ ଗୟଳ ର ଚଉପଟ କାର୍ଯ୍ୟ ଶେଷ ହୋଇଛି । ରୂପକାର ସେବକ ମାନେ ତିନିରଥର ସିଂହାସନ ମୁହାଁଟ ରେ କୁମ୍ଭ ଡାଳି ଲତା ଇତ୍ୟାଦିର ଖୋଦେଇ କାର୍ଯ୍ୟ ଜାରୀ ରଖିଛନ୍ତି। କରତୀ ସେବକ ମାନେ ଦର୍ପଦଳନ ରଥର ୪୦ ଫୁଟିଆ ପୋଲ ଗୟଳ ର ଚିତା କାର୍ଯ୍ୟ ଶେଷ କରି ଚିରଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚାଇଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା ସେବକ ମାନେ ତିନି ରଥର ଦଣ୍ଡା କଣ୍ଟା,ଗୟଳ କଣ୍ଟା ଏବଂ ପୋଟଳ କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ଦୋଳବେଦୀ ଠାରେ ପାହି ମହାରଣା ମାନେ ଅଣସର ତଥା ରଥ ଯାତ୍ରା ସେବା ନୀତି ପାଇଁ ଫୁଲ ଚାଙ୍ଗଡ଼ା ଫ୍ରେମ୍, ବେଶ ଗାଡ଼ିଆ ଫ୍ରେମ୍ ଇତ୍ୟାଦି କାଠ ସରଞ୍ଜାମ ନିର୍ମାଣ ଜାରୀ ରଖିଛନ୍ତି। ତିନିରଥ ର ମହାରଣା ସେବକ ୭୭ ଜଣ, ଭୋଇ ସେବକ ୭୭ ଜଣ,କରତୀ ସେବକ ୪ଜଣ , ରୂପକାର ସେବକ ୨୧ଜଣ , ଓଝା କମାର ସେବକ ୨୦ଜଣ ,ତୁମ୍ବ ବିନ୍ଧ କାରିଗର ୨ଜଣ ,ପାହି ମହାରଣା ୨ ଜଣ, ରଥଖଳା ସହାୟକ ୧ ଜଣ ମୋଟ ୨୦୪ ଜଣ ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟରେ ନିମଗ୍ନ ରହିଛନ୍ତି ।

## ଆକ୍ସନ ମୋଡ୍‌ରେ ମୁଖ୍ୟମନ୍ତ୍ରୀ

# ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପିଲ୍ଲା ବିଦା



**ଭୁବନେଶ୍ୱର :** ଦୁର୍ନୀତି ବିରୁଦ୍ଧରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଶୂନ୍ୟସହନଶୀଳତା ନୀତି। ଭୁବନେଶ୍ୱରର ପୂର୍ବତନ ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପିଲାଙ୍କୁ ଚାକିରିରୁ ବହିଷ୍କୃତ। ପୂର୍ବତନ ଅତିରିକ୍ତ ତହସିଲଦାରଙ୍କୁ ଚାକିରିରୁ ବରଖାସ୍ତ କଲେ ମୁଖ୍ୟମନ୍ତ୍ରୀ। ଭୁବନେଶ୍ୱରରେ ଥିବାବେଳେ ତାଙ୍କ ନାଁ ଅନିୟମିତତା ଅଭିଯୋଗ ଆସିଥିଲା। ତଦନ୍ତରେ ଅନିୟମିତତା ସ୍ପଷ୍ଟ ହେବା ପରେ ମୁଖ୍ୟମନ୍ତ୍ରୀଙ୍କ ଆକ୍ସନ। ସୂଚନା ଅନୁଯାୟୀ, ଚିତ୍ତରଞ୍ଜନ ପିଲା ପୂର୍ବରୁ ଭୁବନେଶ୍ୱରରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ ଏବଂ ପରେ ଜଗତସିଂହପୁରରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ଭୁବନେଶ୍ୱରରେ ଅତିରିକ୍ତ ତହସିଲଦାର ଥିବାବେଳେ ତାଙ୍କର ଅନେକ ନିଷ୍ପତ୍ତିରେ ଅନିୟମିତତାର ତଥ୍ୟ ଆସିଥିଲା। ଚିତ୍ତରଞ୍ଜନ ପିଲାଙ୍କର ଜମିଜମା ସମ୍ପର୍କିତ ଅନେକ ନିଷ୍ପତ୍ତି ସମ୍ବନ୍ଧରେ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା ତଦନ୍ତ କରାଯାଇଛି । ଏହି ତଦନ୍ତରୁ ବିଭିନ୍ନ ଅନିୟମିତତା ସ୍ପଷ୍ଟ ଭାବେ ପ୍ରକାଶ ପାଇଥିଲା। ଏଥିପାଇଁ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ଅଧିକାରୀ ଚିତ୍ତରଞ୍ଜନ ପିଲାଙ୍କୁ ସରକାରୀ ସେବାରୁ ବରଖାସ୍ତ କରିଛନ୍ତି।

# ସିୟୁଇଟି ୟୁଜି ପରୀକ୍ଷାରେ ବି ବିଭ୍ରାଟ

- ସମୟସୀମାରେ ହୋଇପାରିଲାନି ଆରମ୍ଭ
- କୌଣସି ପରୀକ୍ଷାର୍ଥୀଙ୍କର ହେବନି ଅସୁବୁଧା : ଏନ୍‌ଟିଏ





**ନୂଆଦିଲ୍ଲୀ:** ଦେଶରେ ପୂର୍ବରୁ ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟିକୁ ନେଇ ଏକ ବଡ଼ ସମସ୍ୟା ସୃଷ୍ଟି ହୋଇଛି। ଏନେଇ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ବିବାଦରେ ଫସି ରହିଛି। ଏହି ସମୟରେ, ୩୦ମେ' ଶନିବାର ଆଉ ଏକ ଏନ୍‌ଟିଏ ପରୀକ୍ଷା ସିୟୁଇଟି ୟୁଜି ୨୦୨୬ ପରୀକ୍ଷା ସମୟରେ କେନ୍ଦ୍ର ଗୁଡ଼ିକରେ ବ୍ୟାପକ ବିଶୃଙ୍ଖଳା ଦେଖାଦେଇଛି। କିଛି ପରୀକ୍ଷା କେନ୍ଦ୍ରରେ ସିୟୁଇଟି ୟୁଜି ୨୦୨୬ ପରୀକ୍ଷା ସମୟସୀମାରେ ଆରମ୍ଭ ହୋଇପାରି ନାହିଁ। ଯାନ୍ତ୍ରିକ ତ୍ରୁଟି ଯୋଗୁ ପରୀକ୍ଷା ବିଳମ୍ବିତ ହୋଇଛି। ଏହା ପରେ ଏନଟିଏ ତୁରନ୍ତ ଏକ ଅପଡେଟ ଜାରି କରି ଏକ ସଂଶୋଧିତ କାର୍ଯ୍ୟସୂଚୀ କାର୍ଯ୍ୟକାରୀ କରିଛି। ଅନେକ ସ୍ଥାନରେ ଅବ୍ୟବସ୍ଥା ଏବଂ ଗୁଜବ ଉତ୍ତେଜନାକୁ ଆହୁରି ବୃଦ୍ଧି କରିଥିଲା। ଏହା ମଧ୍ୟରେ ପରୀକ୍ଷା ବାତିଲ ସମ୍ପର୍କରେ ରିପୋର୍ଟ ମଧ ପ୍ରସାରିତ ହେବା ଆରମ୍ଭ ହୋଇଥିଲା, ଯାହା ଫଳରେ ଛାତ୍ର ଏବଂ ଅଭିଭାବକଙ୍କ ମଧ୍ୟରେ ସ୍ପଷ୍ଟ ହତାଶା ଏବଂ କ୍ରୋଧ ଦେଖାଦେଇଥିଲା। ସିୟୁଇଟି ୟୁଜି ୨୦୨୬ ପରୀକ୍ଷା ଦେଶବ୍ୟାପୀ ଅନେକ କେନ୍ଦ୍ରରେ ଅନୁଷ୍ଠିତ ହେଉଥିଲା। କିନ୍ତୁ କିଛି ସ୍ଥାନରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ପରୀକ୍ଷା ନିର୍ଦ୍ଧାରିତ ସମୟରେ ଆରମ୍ଭ ହୋଇପାରି ନ ଥିଲା। ପରୀକ୍ଷା ପରିଚାଳନା ପାଇଁ ଦାୟୀ ଏଜେନ୍ସି ଟାଟା କନସଲଟାନ୍ସି ସର୍ଭିସେସ କହିଛି ଯେ, ସିଷ୍ଟମ ଭିତରେ ଥିବା ଯାନ୍ତ୍ରିକ ସମସ୍ୟା ଯୋଗୁ ବିଳମ୍ବ ହୋଇଥିଲା, ଯାହା ପରବର୍ତ୍ତୀ ସମୟରେ ସମାଧାନ କରାଯାଇଥିଲା। କିଛି ପରୀକ୍ଷା କେନ୍ଦ୍ରରେ, ଛାତ୍ରୀଛାତ୍ରମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଥିବା ଏବଂ ପରୀକ୍ଷା ହଲ ଭିତରେ ମୌଳିକ ସୁବିଧାର ଅଭାବ ଥିବା ଉଲ୍ଲେଖ କରିଥିଲେ। ପାନୀୟ ଜଳ ଏବଂ କାର୍ଯ୍ୟକ୍ଷମ ଫ୍ୟାନ୍‌ର ଅନୁପଲବ୍ଧତା ସମ୍ପର୍କରେ ଅଭିଯୋଗ ମଧ ଅନେକ ସ୍ଥାନରେ ପ୍ରକାଶ ପାଇଥିଲା। ଫଳସ୍ୱରୂପ ଛାତ୍ର ଏବଂ ସେମାନଙ୍କ ଅଭିଭାବକଙ୍କ ମଧ୍ୟରେ ହତାଶା ବୃଦ୍ଧି ପାଇଥିଲା। ଏହି ସମୟରେ, କିଛି ଅଞ୍ଚଳରେ ଗୁଜବ ବ୍ୟାପିବାକୁ ଲାଗିଲା ଯେ, ସିୟୁଇଟି ୟୁଜି ୨୦୨୬ ପରୀକ୍ଷା ବାତିଲ କରାଯାଇଛି। ଏହି ଖବର ପରେ ଅନେକ ପରୀକ୍ଷା କେନ୍ଦ୍ର ବାହାରେ ଭିଡ଼ ଜମା ହୋଇଥିଲା ଏବଂ ପରିବେଶ ଉତ୍ତେଜନାପୂର୍ଣ୍ଣ ହୋଇଯାଇଥିଲା। ଛାତ୍ର ଏବଂ ଅଭିଭାବକମାନେ ପରୀକ୍ଷା ପରିଚାଳନା ସମ୍ପର୍କରେ ପ୍ରଶ୍ନ ଉଠାଇଥିଲେ ଏବଂ ଉତ୍ତର ଦାବି କରିଥିଲେ। ପରୀକ୍ଷା ପରିଚାଳନା ପାଇଁ ଦାୟୀ ସଂସ୍ଥା – ଜାତୀୟ ପରୀକ୍ଷା ଏଜେନ୍ସି ସ୍ପଷ୍ଟ କରିଛି ଯେ, ଯେଉଁ ଛାତ୍ରୀଛାତ୍ରମାନଙ୍କର ପରୀକ୍ଷା ବିଳମ୍ବରେ ଆରମ୍ଭ ହୋଇଛି ସେମାନଙ୍କୁ ସମ୍ପୂର୍ଣ୍ଣ ନିର୍ଦ୍ଧାରିତ ସମୟ ପ୍ରଦାନ କରାଯିବ ଯାହା ଦ୍ୱାରା କୌଣସି ପ୍ରାର୍ଥୀ ଅସୁବିଧାରର ସମ୍ମୁଖୀନ ନ ହୁଅନ୍ତି। ଏହା ମଧ କୁହାଯାଇଛି ଯେ, ପରୀକ୍ଷା ବାତିଲ ହେବା ସମ୍ପର୍କରେ ଗୁଜବ ମିଥ୍ୟା ଏବଂ ପରୀକ୍ଷା ସଠିକ୍ ଭାବେ ଚାଲିଛି।

## ମହାନଦୀ ଜଳ ବିବାଦ ପ୍ରସଙ୍ଗ

# ଓଡ଼ିଶା-ଛତିଶଗଡ଼ ଅନେକ ପ୍ରସଙ୍ଗରେ ସହମତ

- ଜୁନ ୬ ରେ ପରବର୍ତ୍ତୀ ଶୁଣାଣି



**ନୂଆଦିଲ୍ଲୀ :** ମହାନଦୀ ଜଳ ବିବାଦକୁ ନେଇ ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଅନେକ ପ୍ରସଙ୍ଗରେ ସହମତି ହୋଇଛି। ଟ୍ରିବ୍ୟୁନାଲ ନିକଟରେ ୧୫ଟି ପ୍ରସଙ୍ଗ ଦାଖଲ ହୋଇଥିଲା। ସେଥିରୁ ୧୨ଟି ପ୍ରସଙ୍ଗରେ ଦୁଇଟି ରାଜ୍ୟ ମଧ୍ୟରେ ସହମତି ପ୍ରକାଶ ପାଇଥିବା ଟ୍ରିବ୍ୟୁନାଲ କହିଛନ୍ତି। ମହାନଦୀ ଟ୍ରିବ୍ୟୁନାଲ ଶୁଣାଣି ପରେ ଏହି ସୂଚନା ଦେଇଛନ୍ତି ଓଡ଼ିଶାର ଆଡଭୋକେଟ୍ ଜେନେରାଲ, ପୀତାମ୍ବର ଆଚାର୍ଯ୍ୟ । କହିଛନ୍ତି ମହାନଦୀ ଜଳ ବିବାଦ ଶୁଣାଣି ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ହୋଇଥିଲେ। ଦୁଇ ରାଜ୍ୟ ମଧ୍ୟରେ ଅନେକ ଗୁଡିଏ ବିବାଦୀୟ ପ୍ରସଙ୍ଗରେ ସହମତି ହୋଇଛି। ଜୁନ ୬ ତାରିଖରେ ପରବର୍ତ୍ତୀ ଶୁଣାଣି ହେବ। ଏ ସମୟମ ମଧ ଦୁଇ ରାଜ୍ୟର ଟେକନିକାଲ ଟିମ୍ ଆଲୋଚନା କରି ଆଉ କିଛି ବିବାଦୀୟ ପ୍ରସଙ୍ଗରେ ସହମତି ପାଇଁ ଉଦ୍ୟମ କରିବେ । ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲରେ ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳ ବଣ୍ଟନ ମାମଲାକୁ ନେଇ ନିୟମିତ ଶୁଣାଣି ଚାଲିଛି । ଟ୍ରିବ୍ୟୁନାଲ ଏହି ବିବାଦର ସମାଧାନ ପାଇଁ ଉଭୟ ରାଜ୍ୟକୁ ସହମତି ଭିତ୍ତିକ ପ୍ରସଙ୍ଗ ଚୂଡ଼ାନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମହାନଦୀ ଟ୍ରିବ୍ୟୁନାଲର କାର୍ଯ୍ୟକାଳକୁ କେନ୍ଦ୍ର ସରକାର ଜାନୁଆରୀ ୧୩, ୨୦୨୭ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ।

# ତ୍ରିକୋଣୀୟ ପ୍ରେମରୁ ଥାର୍ ଚଢ଼ାଇ ହତ୍ୟା, ୫ ଅଟକ

**ଭୁବନେଶ୍ୱର:** ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥାର୍ ଚଢ଼ାଇ ଯୁବକଙ୍କୁ ହତ୍ୟା। ଦୁର୍ଘଟଣାର ରୂପ ଦେବାକୁ ଚେଷ୍ଟା କରୁଥିଲେ ଅଭିଯୁକ୍ତ। ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗ ପରେ ୫ ଜଣଙ୍କୁ ଅଟକ ରଖି ତନାଘନା କରୁଛି ପୁଲିସ। ତ୍ରିକୋଣୀୟ ପ୍ରେମରୁ ଥାର୍ ଚଢ଼ାଇ ହତ୍ୟା କରାଯାଇଥିବା ଡିସିପି ପ୍ରତିକ୍ରିୟା ଦେଇଛନ୍ତି। ସୂଚନାନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ନୀଳାଦ୍ରି ବିହାର ଅଞ୍ଚଳରେ ଏଟିଏମ୍ ଛକ ନିକଟରେ ୩ ଜଣ ଯୁବକ ବାଇକ୍ ରେ ଯାଉଥିବା ବେଳେ ଏକ ଦ୍ରୁତଗାମୀ ଥାର୍ ଗାଡ଼ି ପଛପଟୁ ଧକ୍କା ଦେଇଥିଲା। ସେମାନଙ୍କ ମଧ୍ୟରୁ ଜଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଅନ୍ୟ ଦୁଇଜଣ ଗୁରୁତର ଭାବେ ଆହତ ହୋଇଥିଲେ। ମୃତ ଯୁବକଙ୍କ ଘର ଖୋର୍ଦ୍ଧା ଜିଲ୍ଲା କାଇପଦର ଅଞ୍ଚଳରେ। ଏନେଇ ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗ ପରେ ଚନ୍ଦ୍ରଶେଖରପୁର ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଛାନଭିନ୍ ଆରମ୍ଭ କରିଛି। ପୁଲିସ ଏହି ମାମଲାରେ ଥାର ଗାଡିକୁ ଜବତ କରିବା ସହ ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ତ୍ରିକୋଣୀୟ ପ୍ରେମରୁ ଥାର୍ ଗାଡ଼ି ସାହାଯ୍ୟରେ ବାଇକ୍ ଆରୋହୀଙ୍କୁ ଚଢ଼ାଇ ହତ୍ୟା କରାଯାଇଥିବା ଡିସିପି ପ୍ରତିକ୍ରିୟା ରଖିଛନ୍ତି।

ପ୍ରତିଶବ୍ଦ TV

ଭୁବନେଶ୍ୱର, ୩୧ ମେ' ୨୦୨୬

## ସମ୍ପାଦକୀୟ

# ଆଶାନୁରୂପ ଜନାଦେଶ

ସମାପ୍ତ ହୋଇଗଲା ଭାରତର ବହୁ ପ୍ରତିକ୍ଷୀତ ବିଧାନସଭା ନିର୍ବାଚନ। ନିର୍ବାଚନ ପରବର୍ତ୍ତୀ ପରିଣମ ବି ଆସିଗଲା। ଯେଉଁଥିରେ ପରିବର୍ତ୍ତନର ସ୍ୱଷ୍ଟତା ପ୍ରକାଶ ପାଇଛି। ସେଥିପାଇଁ ତ କୁହାଯାଉଛି ଯେ ସ୍ୱଷ୍ଟ ଜନାଦେଶ। ଯେଉଁଥିରେ ଦେଶର ଜନତା, ସଂପୃକ୍ତ ନିର୍ବାଚନମଣ୍ଡଳୀର ଭୋଟର୍ସ ସେମାନଙ୍କର ବହୁମୂଲ୍ୟ ଭୋଟ୍ ମାଧ୍ୟମରେ ନିଜ ନିଜର ଯେଉଁ ମତ ଉପସ୍ଥାପନ କରିଛନ୍ତି, ଯାହା ଭାରତୀୟ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାର ସୁପରିଚାଳନାକୁ ସୁଚାରୁରୂପେ ସମ୍ପାଦନ ହୋଇଥିବାର ଏକ ସ୍ୱଷ୍ଟ ସଙ୍କେତ ପ୍ରଦାନ କରୁଛି। ନିର୍ବାଚନ ପରବର୍ତ୍ତ ଦୃଶ୍ୟ , ନିର୍ବାଚନ ପରବର୍ତ୍ତୀ ଚିତ୍ର କୌଣସି ବି ସ୍ଥାନରେ ଏକ ନିର୍ଦ୍ଦିଷ୍ଟ ଧାରାରେ ରହେନାହିଁ। ଧାରାରେ ପରିବର୍ତ୍ତନ ସ୍ୱାଭାବିକ। କାରଣ ଫଳାଫଳରେ ବି ପରିବର୍ତ୍ତନ ହୋଇଥାଏ। ଜଣେ ଜିତେ କିମ୍ବା ଗୋଟାଏ ଦଳ ଜିତେ , ଅପରପକ୍ଷେ କେହି ବି ଜଣେ ହାରେ କିମ୍ବା ଦଳ ହାରେ। ହାରଜିତ୍ ତ ଲାଗିରହୁଛି। ସେମିତି ଲାଗିରହିବ ଯୋଯାବତ୍ ସମାଜରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ଲାଗିରହିବ। ପ୍ରତିଯୋଗିତାରେ କେବଳ ଫଳାଫଳ ଥାଏ, ଯାହା କେବେ ପଜିଟିଭ୍ ହୋଇପାରେ କିମ୍ବା ନେଗେଟିଭ୍ ହୋଇପାରେ; ତାହା ତ ଭିନ୍ନ କଥା ହେଲେ ପ୍ରତିଦ୍ୱନ୍ଦ୍ୱିତାରେ ହାର ଜିତ୍ ଅବଶ୍ୟ ରହିବ। ଏବର ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟା ସାଂପ୍ରତିକୀ ପରିସ୍ଥିତିରେ ଅତି ଜଟିଳ ହୋଇଯାଇଛି। ଏତେ ଜଟିଳ ହୋଇପଡ଼ିଛି, ଯାହା କେବଳ ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବକୁ ସୂଚାଉଛି। ଯେଉଁଠି ପ୍ରତିଯୋଗିତା ଥଏ, ସେଠାରେ ହାର୍‌ଜିତର ପ୍ରଭାବ ସେତେ ଅନୁଭୂତ ହୋଇନଥାଏ। ଯିଏ ଜିତେ ସିଏ ଯଦିଓ ଖୁସିହୁଏ , କିନ୍ତୁ ଯିଏ ହାରେ ସିଏ କିନ୍ତୁ ସେତେ ଦୁଃଖୀ ହୋଇ କନଥାଏ। କାରଣ ସେମାନେ ଭଲଭାବେ ଜାଣନ୍ତି,ଜୀବନରେ ହାରଜିତ ଲାଗିରହିଛି। ଆଜି ଯିଏ ହାରିଛି, କାଲି ହୁଏତ ସିଏ ଜିତିପାରେ ଏବଂ ଆଜି ଯିଏ ଜିତିଛି,କାଲି ହୁଏତ ସିଏ ହାରିପାରେ। ଏପରି ମନୋଭାବ ହେଉଛି ଜଣେ ପ୍ରତିଯୋଗୀର ହେଲେ ଜଣେ ପ୍ରତିଦ୍ୱନ୍ଦ୍ୱୀ କିନ୍ତୁ ସେମିତି କିଛି ବୁଝେନି । ପ୍ରତିଦ୍ୱନ୍ଦ୍ୱିତାରେ ହାର ଜିତ୍ ର ଯେଉଁ ଚିତ୍ର ପଦାକୁ ଆସେ ଅବା ନଜରକୁ ଆସେ, ସେଥିରେ ନକାରାତ୍ମକତାର ପ୍ରଭାବ କିନ୍ତୁ ଅଧିକ ପରିମାଣରେ ପରିଲକ୍ଷିତ ହେଉଥିବା ବେଳେ ସକାରାତ୍ମକତାର ପ୍ରଭାବ ଅପେକ୍ଷାକୃତ ପରିଲକ୍ଷିତ ହୁଏ କମ୍ ପରିମାଣରେ। ଯାହାପଛରେ ମୁଖ୍ୟ କାରଣ ହେଉଛି ସବୁଥିରେ ଏବେ କେବଳ ବ୍ୟାବସାୟିକ ମନୋଭାବର ପ୍ରତିଫଳନ ଯାହା କୌଣସି ବି କ୍ଷେତ୍ରରେ ବିଜୟ ପରାଜୟର ପରିଭାଷାରେ ଯଥେଷ୍ଟ ପରିବର୍ତ୍ତନ ଆଣିସାରିଲାଣି। ବିଶେଷକରି ବର୍ତ୍ତମାନର ରାଜନୀତି ସମ୍ପୂର୍ଣ୍ଣରୂପେ ହୋଇଯାଇଛି ବ୍ୟାବସାୟିକ ଏବଂ ବ୍ୟୟବହୁଳ ଏବଂ ସ୍ୱାର୍ଥ ପ୍ରଣୋଦିତ ଯାହା କୌଣସି ବି ପ୍ରତିଯୋଗୀର ମାନସିକତାକୁ ଏପରି କଳୁଷିତ ଏବଂ ପ୍ରଦୂଷିତ କରିଦେଉଛି ଯାହାକି ସମାଜ ପାଇଁ ସବୁବେଳେ ସାବ୍ୟସ୍ତ ହେଉଛି ହାନିକାରକ, କ୍ଷତିକାରକ। ସାଂପ୍ରତିକୀ ପରିସ୍ଥିତିରେ ଦେଶର ରାଜନୈତିକ ଚିତ୍ର ମଧ୍ୟ ସେହିଭଳି ଅସ୍ୱଷ୍ଟ। ଯାହା ପଛରେ ରାଜନୈତିକ ନେତୃବୃନ୍ଦଙ୍କ ସ୍ୱାର୍ଥକୈନ୍ଦ୍ରିକ ମନୋଭାବ ବେଶ୍ ଦାୟୀ। ଏଭଳି ପରିସ୍ଥିତିରେ କେତେକ ଭାରତୀୟ ରାଜ୍ୟମାନଙ୍କରେ ସଦ୍ୟ ଅନୁଷ୍ଠିତ ହୋଇଯାଇଥିବା ବିଧାନସଭା ନିର୍ବାଚନରେ ଯାହା ବି ଫଳାଫଳ ଆସିଛି, ସେଥିରେ ଭାରତୀୟ ଜନତାଙ୍କ ସ୍ୱଷ୍ଟ ମତାମତ ପ୍ରାପ୍ତ ହୋଇଛି। ଯାହାକୁ ଏକ ସୁନ୍ଦର ତଥା ସଶକ୍ତ ଜନାଦେଶ କହିପାରିବା। ବର୍ତ୍ତମାନ ସମୟରେ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟା ସାଂପ୍ରତିକୀ ପରିସ୍ଥିତିରେ ଅତି ଜଟିଳ ହୋଇଯାଇଛି। ଏତେ ଜଟିଳ ଯାହା କେବଳ ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବକୁ ସୂଚାଉଛି। ତଥାପି ବର୍ତ୍ତମାନ ସମୟରେ ଭାରତୀୟ କେତେକ ରାଜ୍ୟ ଯେପରି ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ ଏବଂ ଆସାମ୍ ତଥା ପୁଡୁଚେରୀରେ ସଦ୍ୟ ଅନୁଷ୍ଠିତ ହୋଇଯାଇଥିବା ବିଧାନସଭା ନିର୍ବାଚନରେ ଯେଭଳି ଭାବେ ନିର୍ବାଚନୀ ଫଳାଫଳ ସାମ୍ନାକୁ ଆସିଛି, ସେଥିରେ ଭାରତୀୟ ଭୋଟର୍ସମାନଙ୍କ ସ୍ୱଷ୍ଟ ଜନାଦେଶ ଏଥର ଯାହା କେବଳ ଭାରତୀୟ ରାଜନୀତିରେ ଏକ ବିଶେଷ ଉଦାହରଣ ବୋଲି କୁହାଯାଇପାରେ। ଏଥିରେ ବିଜେପିର ସ୍ୱତନ୍ତ୍ର ବିଜୟ ବୋଲି କୁହାଯାଇପାରେ। ଯେହେତୁ ବିଜେପି ବଙ୍ଗରେ ଦିଦିଙ୍କୁ ହରାଇ ସେଠାରେ ଏକ ନୂଆ କୀର୍ତ୍ତିମାନ ସ୍ଥାପନ କରିଛି। ଦିଦିଙ୍କ ଦାଦାଗିରିର ଅନ୍ତ ହୋଇଛି। ତାଙ୍କ ନିଜ ନିର୍ବାଚନମଣ୍ଡଳୀରୁ ସେ ଫେଲ୍ ମାରିଛନ୍ତି। ଯେଉଁଥିରୁ ତାଙ୍କ ଲୋକପ୍ରିୟତାରେ ହ୍ରାସ ଘଟିଛି ବୋଲି କୁହାଯାଇପାରେ ଯାହାକି ସ୍ୱଷ୍ଟ ଜନାଦେଶର ସୁସ୍ୱଷ୍ଟ ନିଦର୍ଶନ ବୋଲି ଧରି ନିଆଯାଇପାରେ। କେରଳରେ ମଧ୍ୟ ବାମପନ୍ଥୀ ମେଣ୍ଟକୁ ହରାଇ କଂଗ୍ରେସ ତା'ର ବାଜିମାତ୍ କରିଛି। ଯାହାକି ସ୍ୱଷ୍ଟ ଜନାଦେଶର ଆଉ ଏକ ନିଦର୍ଶନ। ସେହିପରି ଆସାମ୍‌ରେ ବି ବିଜେପିର ବିଜୟ ଯାହାକି ପୂର୍ବାନୁମାନ। ତାମିଲନାଡୁରେ କିନ୍ତୁ ଘଟିଲା ପୂର୍ଣ୍ଣ ବ୍ୟତିକ୍ରମ । ଅଭିନେତାରୁ ନେତା ବନିଗଲେ ଥାଲାପତି ବିଜୟ। ଏକ ଭିନ୍ନ ଜନାଦେଶ

# ଦୁଇ ରାଜପୁତ୍

ଥରେ ଦୁଇ ଯାଆଁଳା ଭାଇ ଆସି ପହଞ୍ଚିଗଲେ ମୋଘଲ ସମ୍ରାଟ୍ ଆକବରଙ୍କ ରାଜ ଦରବାରରେ। ସେମାନେ ଆସିଥିଲେ ଚାକିରି ପାଇଁ ଆକବରଙ୍କ ପାଖକୁ। ସେହି ଆକବର୍ ଯେ କି ଭାରତରେ ମୋଗଲ୍ ଶାସକ ଭାବରେ ବେଶ୍ ପ୍ରସିଦ୍ଧି ଲାଭ କରିଥିଲେ। ଯାହାଙ୍କ ବୀରତ୍ୱର ଗାଥା ଆଜି ବି ଭାରତରେ ଚର୍ଚ୍ଚିତ । କୁହାଯାଏ କି ଅଶୋକ୍ , ଆକବର ଏବଂ ଆଲେକଜାଣ୍ଡାର। ଇତିହାସର ତିନି ପ୍ରସିଦ୍ଧ ବୀର। ସେହିଭଳି ବୀର ଥିଲେ ଆକବର ଯେ କି ଦିଲ୍ଲୀରୁ ନିଜର ଶାସନ ଚଳାଉଥିଲେ। ଥରେ ଦୁଇ ରାଜପୁତ ଆକବରଙ୍କ ସୈନ୍ୟବାହିନୀରେ ଯୋଗ ଦେବାର ଇଚ୍ଛା ନେଇ ଯେବେ ତାଙ୍କର ଇଚ୍ଛା ଆକବରଙ୍କ୍ ନିକଟରେ ପ୍ରକାଶ କଲେ, ଆକବର ତୁରନ୍ତ ତାଙ୍କୁ ସୈନ୍ୟବାହିନୀରେ ଯୋଗ ଦେବାର ପ୍ରତିଶ୍ରୁତି ଦେଇଥିଲେ। ତେବେ ତା'ପୂର୍ବରୁ ଆକବର କିନ୍ତୁ ସେମାନଙ୍କ ପରୀକ୍ଷା ନେଇଥିଲେ। ସେମାନେ କେତେଦୂର ସାହସୀ, ସେ ବିଷୟରେ ସେମାନେ ଆକବରଙ୍କ ନିକଟରେ ପରୀକ୍ଷା ଦେବାର ସେମିତି କିଛି ଆବାଶ୍ୟକ ପଡ଼ିଲା। ଦୁଇ ଭାଇ ନିଜକୁ ରାଜପୁତ ବୋଲି କହି ତାହା ହିଁ ତାଙ୍କରା ସାହସ ବୋଲି କହିବା ପରେ ବି ବାଦଶାହ ଆକବର ତଥାପି ତାଙ୍କର ପରିଚୟ ମାଗନ୍ତେ ରାଜପୁତ ଭ୍ରାତାଦ୍ୱୟ ତୁରନ୍ତ ଉଭୟ ନିଜର ଖଡ଼୍‌ଗ୍ ବାହାର କରି ପରସ୍ପର ବିରୁଦ୍ଧରେ ତୁରନ୍ତ ଖଡ଼୍‌ଗ ଉତ୍ତୋଳନ କରି ଆରମ୍ଭ କରିଦେଲେ ଅସୀ ଚାଳନା। ଦେଖୁ ଦେଖୁ ଉଭୟଙ୍କ ମଧ୍ୟରେ ଆରମ୍ଭ ହୋଇଗଲା ଏକ ଖଣ୍ଡଯୁଦ୍ଧ। ଯାହାକୁ ଦେଖି ଆକବର ନିଜ ଆଖିକୁ ମଧ୍ୟ ବିଶ୍ୱାସ କରିପାରିଲେ ନାହିଁ । ଏ କ'ଣ ? ଏହି ରାଜପୁତ ଭାଇମାନେ ନିଜ ଆଖିକୁ ମଧ୍ୟ ବିଶ୍ୱାସ କରି ପାରିଲେ ନାହିଁ। ଉଭୟ ରାଜପୁତ ଭାଇଦ୍ୱୟଙ୍କୁ ସେ ତ କେବଳ ତାଙ୍କର ସାହସିକତାର ପ୍ରମାଣ ମାଗିଥିଲେ। ହେଲେ ରାଜପୁତ ଭାଇମାନେ କିନ୍ତୁ ପରସ୍ପର ମଧ୍ୟରେ ଏମିତି ଯେ ଭିଡ଼ିଯିବେ, ଏମିତି ତ କେବେ ବି ଭାବିପାରିନଥିଲେ ବାଦଶାହ ଆକବର। ବାଦଶାହ ଆକବର ନିଜେ ବି ତାଜୁବ୍ ହୋଇଗଲେ। ହେଲେ କ'ଣ କରିବେ ଏବଂ କ'ଣ ନ କରିବେ , ସେଥିନେଇ ସେ ବି କିଛି ଭାବିପାରିଲେ ନାହିଁ। କିଛି ସମୟ ପାଇଁ ସେ ବି ବିଚଳିତ ହୋଇପଡ଼ିଲେ। ହଠାତ୍ ସେ ଡାକ ପକାଇଲେ ସେନାପତି ମାନସିଂଙ୍କୁ ଯେ କି ଆକବରଙ୍କ୍ ରାଜ ଦରବାରରେ ବହୁ ପୂର୍ବରୁ ନିଯୁକ୍ତି ପାଇଥିଲେ ଜଣେ ସେନାପତି ଭାବରେ। ତେବେ ରାଜପୁତ ମାନସିଂଙ୍କ୍ ଆସିଲାବେଳକୁ ହୁଏତ ସାମାନ୍ୟ ବିଳମ୍ବ ହୋଇଯାଇଥିଲା। ସେତେବେଳକୁ ଦୁଇ ରାଜପୁତ ପରସ୍ପର ସହିତ ଯୁଦ୍ଧରେ ଲହୁ ଲୁହାଣ ହୋଇଯାଇଥିଲେ। ମାନସିଂ ସେମାନଙ୍କୁ ଯୁଦ୍ଧରୁ କ୍ଷାନ୍ତ କରାଇଥିଲେ। ତେବେ ରାଜପୁତମାନେ ନିଜେ ହିଁ ସାହସର ପ୍ରତୀକ ବୋଲି ମାନସିଂ ପରେ ବୁଝାଇ କହିଥିଲେ । ପ୍ରକୃତରେ ମାନ୍ ସିଂ ଥିଲେ ଜଣେ ସୁଦକ୍ଷ ସେନାପତି।

# ଅପରେସନ୍ ଖୁକ୍ରୀ



ବିଷ୍ଣୁ ପ୍ରସାଦ ଦାସ

ସିଏରା ଲିଓନ୍ ପଶ୍ଚିମ ଆଫ୍ରିକାର ଏକ ସୁନ୍ଦର ଏବଂ ଛୋଟ ଦେଶ । ଏହାର ଉତ୍ତର ଏବଂ ପୂର୍ବ ପଟେ ଗିନି ଦେଶ , ଦକ୍ଷିଣରେ ଲାଇବେରିଆ ଦେଶ , ପଶ୍ଚିମପଟେ ଆଟ୍ଲାଣ୍ଟିକ୍ ମହାସାଗର ଅବସ୍ଥିତ । ଭୌଗଳିକ ଦୃଷ୍ଟିରୁ ଦେଖିବାକୁ ଗଲେ ଏହି ଦେଶରେ ଅନେକ ଖଣିଜ ଦ୍ରବ୍ୟ ମିଳେ, ସବୁଠାରୁ ଅଧିକ ହୀରା ପଥର ଏହି ଦେଶରେ ରହିଅଛି । ସମସ୍ତଙ୍କ ଧାରଅପରେସନ୍ ଖୁକ୍ରୀ (ଭାଗ ୧) ସିଏରା ଲିଓନ୍ ପଶ୍ଚିମ ଆଫ୍ରିକାର ଏକ ସୁନ୍ଦର ଏବଂ ଛୋଟ ଦେଶ । ଏହାର ଉତ୍ତର ଏବଂ ପୂର୍ବ ପଟେ ଗିନି ଦେଶ , ଦକ୍ଷିଣରେ ଲାଇବେରିଆ ଦେଶ , ପଶ୍ଚିମପଟେ ଆଟ୍ଲାଣ୍ଟିକ୍ ମହାସାଗର ଅବସ୍ଥିତ । ଭୌଗଳିକ ଦୃଷ୍ଟିରୁ ଦେଖିବାକୁ ଗଲେ ଏହି ଦେଶରେ ଅନେକ ଖଣିଜଣା ହେବ, ଯେଉଁ ଦେଶରେ ହୀରା ତଥା ଅନ୍ୟ ଖଣିଜ ଦ୍ରବ୍ୟ ଭରି ରହିଛି ସେ ଦେଶ ନିଶ୍ଚିତ ଧନୀ ଦେଶ ହୋଇଥିବ ଏବଂ ଦେଶର ନାଗରିକ ଖୁ ସୁଖ ଶାନ୍ତିରେ ଜୀବନ ବିତାଉ ଥିବେ । କିନ୍ତୁ ଏହା ସମ୍ପୂର୍ଣ୍ଣ ଭୂଲ, ଏହାର ଇତିହାସ ଯଦି ଦେଖିବା ତେବେ ୧୮୦୮ ମସିହାରେ ବ୍ରିଟିଶ ଏହାକୁ ଅଧିକାର କରି ନେଇ ଥିଲା । ସିଏରା ଲିଅନ୍ ଦେଶକୁ ଲୁଟିବା ଛଡା ବ୍ରିଟିଶ ମାନେ କୌଣସି ଜନ ହିତକର କାର୍ଯ୍ୟ କରି ପାରି ନଥିଲେ । ଶେଷରେ ୧୯୬୧ ମସିହାରେ ସିଏରା ଲିଅନ୍ ସ୍ୱାଧୀନତା ପାଇଲା , ନୂତନ ସରକାର ଆସିଲା କିନ୍ତୁ ଜନତାଙ୍କ ଦୁଃଖ ଯଥା ପୂର୍ବଂ ତଥା ପରଂ ହୋଇ ରହିଲା । ଶାସକ ମାନେ ହୀରା ଏବଂ ଅନ୍ୟାନ୍ୟ ଖଣିଜ ଦ୍ରବ୍ୟ ବିକ୍ରି ଅର୍ଥ ଦେଶର ହିତ ପାଇଁ ଖର୍ଚ୍ଚ ନକରି ନିଜେ ସ୍ୱାହା କରିଦେଲେ । ଜନତା ଖାଦ୍ୟ, ପାନୀୟ, ଶିକ୍ଷା, ସ୍ୱାସ୍ଥ୍ୟ ରୋଜଗାରରୁ ବଞ୍ଚିତ ହେଲେ । ନାଗରିକ ମାନେ ପଶୁଠାରୁ ହୀନ ଜୀବନ ଯାପନ କରିବାକୁ ଲାଗିଲେ ଯାହାକି ତାଙ୍କ ମନ ଭିତରେ ସରକାରଙ୍କ ବିରୋଧରେ କ୍ଷୋଭ ସୃଷ୍ଟି କରିଥିଲା । ୧୯୯୧ ମସିହାରେ ସିଏରା ଲିଅନ୍ ର ପଡୋଶୀ ଦେଶ ଲାଇବେରିଆର ଶାସକ ଚାର୍ଲସ୍ ଟେଲର୍ ସିଏରା ଲିଅନର ଖଣିଜ ସମ୍ପଦ ଉପରେ ନଜର ପକାଇ ଥିଲେ । ଚତୁର ଚାର୍ଲସ୍ ଟେଲର୍ ସିଏରା ଲିଅନ୍ ଦେଶର ଏକ ବିଦ୍ରୋହୀ ନେତା ଫୋଡି ସାଙ୍କୋ ଙ୍କୁ ଅନେକ ପ୍ରକାର ପ୍ରଲୋଭନ ଦେଖାଇ ରିଭୋଲୁନାରି ୟୁନାଇଟେଡ୍ ଫ୍ରଣ୍ଟ ପାର୍ଟି ଗଠନ କଲେ ଯାହାକି ଆର୍ ୟୁ ଏଫ୍ ନାମରେ ପରିଚିତ ହେଲା ।

ଆର୍ ୟୁ ଏଫ୍ ର ଦେଶ ବାସୀଙ୍କ ପାଇଁ ସନ୍ଦେଶ / ଆହ୍ୱାନ ଥିଲା ଯେ, ସେମାନେ ଦେଶର ଦୁର୍ନୀତିଖୋର ଶାସକଙ୍କୁ ଗାଦୀରୁ ହଟାଇ ନୂତନ ସରକାର ଗଠନ କରିବେ ଏବଂ ଜନତାଙ୍କୁ ସମସ୍ତ ପ୍ରକାର ସୁଖ ସୁବିଧା ଯୋଗାଇ ଦେବେ । ଜନତା ତାଙ୍କ କଥାରେ ସହମତି ପ୍ରକାଶ କରି ତାଙ୍କୁ ସମର୍ଥନ କରିବାକୁ ଆରମ୍ଭ କରିଦେଲେ । ସରକାରଙ୍କ ବିରୁଦ୍ଧରେ ବିଦ୍ରୋହ ଚାଲିଲା , ଗୃହ ଯୁଦ୍ଧ ପରିସ୍ଥିତି ଆସି ଯାଇ ଥିଲା । ପଡୋଶୀ ଦେଶ ଲାଇବେରିଆର କୂଟକ୍ରାନ୍ତ ଦ୍ୱାରା ବିଦ୍ରୋହୀ ଆର୍ ୟୁ ଏଫ୍ ମାନଙ୍କୁ ଆଧୁନିକ ଅସ୍ତ୍ର ଶସ୍ତ୍ର ତଥା ଅର୍ଥ ମଧ୍ୟ ଯୋଗାଇ ଦିଆ ଯାଉଥିଲା । ଧୀରେ ଧୀରେ ଆର୍ ୟୁ ଏଫ୍ ମାନେ ଗୋଟିଏ ଗୋଟିଏ ସ୍ଥାନକୁ ଅକ୍ତିଆର କରି ଚାଲିଥିଲେ ଏବଂ ସରକାରଙ୍କ ବିରୁଦ୍ଧରେ ପ୍ରଚାର କରୁଥିଲେ । ଯଦି କେହି ବିରୋଧ କରୁଥିଲେ ତେବେ ତାଙ୍କୁ ଅସହ୍ୟ ଯନ୍ତ୍ରଣା ଦେଉଥିଲେ ଏପରିକି ହାତ କାଟି ଦେଉଥିଲେ ଯେମିତି ସେହି ବ୍ୟକ୍ତିଟି ଭୋଟ୍ ଦେଇ ପାରିବ ନାହିଁ । କ୍ଷମତା ଲୋଭରେ ଆର୍ ୟୁ ଏଫ୍ ର କ୍ରୁରତା ଖୁବ୍ ବଢି ଯାଇଥିଲା, ମାନବିକତା ସେମାନେ ସଂପୂର୍ଣ୍ଣ ଭୁଲି ଯାଇଥିଲେ । ଛୋଟ ଛୋଟ କୋମଳମତି ବାଳକ/ବାଳିକାଙ୍କ ହାତରେ ବିପଦପୂର୍ଣ୍ଣ ଅସ୍ତ୍ରଶସ୍ତ୍ର ଧରାଇ ବଳ ପୂର୍ବକ ତାଙ୍କ ଦଳରେ ସାମିଲ କରାଇ ଦେଉଥିଲେ । ପିଲାଙ୍କ ସମ୍ମୁଖରେ ତାଙ୍କ ପିତା ମାତାଙ୍କୁ ହତ୍ୟା କରି ଦେଉଥିଲେ । ଏହିପରି ଲୋମହର୍ଷଣକାରୀ ଦୃଶ୍ୟ ଦେଖି ପିଲାମାନେ ଭୟଭୀତ ହୋଇ ଆର୍ ୟୁ ଏଫ୍ ନିର୍ଦ୍ଦେଶରେ କାର୍ଯ୍ୟ କରୁଥିଲେ । ପିଲାମାନଙ୍କୁ ନିଶା ସେବନର ଅଭ୍ୟାସ କରାଇ ଦେଉ ଥିଲେ ଫଳରେ ସେମାନେ ମାନସିକ ସ୍ତରରେ ହିତାହିତ ଜ୍ଞାନ ହରାଇ କେବଳ ଆର୍ ୟୁ ଏଫ୍ ର ନିର୍ଦ୍ଦେଶ ମୁତାବକ କାର୍ଯ୍ୟ କରି ଯାଉ ଥିଲେ । କିଛି କାର୍ଯ୍ୟ ବିଚ୍ୟୁତି ଦେଖିଲେ ପିଲା ମାନଙ୍କୁ ନିଆଁରେ ପୋଡି ମାରି ଦେଉଥିଲେ । ମାନବିକତା ବିହୀନ ଆର୍ ୟୁ ଏଫ୍ ଗୋଷ୍ଠୀ ନିର୍ଦ୍ଦୟତାର ଚରମ ସୀମାରେ ପହଞ୍ଚି ଯାଇଥିଲେ । ସିଏରା ଲିଅନ୍ ଦେଶର ଶାସକ ଦୁର୍ନୀତି ଗ୍ରସ୍ତ ତଥା ଦୁର୍ବଳ ଥିବାରୁ ଏହାର ମୁକାବଲା କରିବାକୁ ସମର୍ଥ ହୋଇ ପାରୁ ନଥିଲେ । ଖଣିଜ ସମ୍ପଦରେ ଭରା ଦେଶଟି ସ୍ୱର୍ଗରୁ ନର୍କରେ ପରିଣତ ହୋଇ ଯାଇଥିଲା । ଅର୍ଥନୀତି ଭୁଶୁଡି ପଡିଥିଲା , ଅରାଜକତା ବଢି ବଢି ଯାଉଥିଲା । ଆର୍ ୟୁ ଏଫ୍ ମାନେ ହୀରା ଖଣି ଗୁଡିକୁ ମଧ୍ୟ ନିଜ ଅକ୍ତିଆରକୁ ନେଇ ଲାଇବେରିଆ ବାଟେ ହୀରା ବାହାରକୁ ରପ୍ତାନି କରି ସେହି ଅର୍ଥରେ ଆଧୁନିକ ହାତ ହତିଆର କିଣୁଥିଲେ । ଦେଖୁ ଦେଖୁ ସିଏରା ଲିଅନ୍ ଦେଶର ଦୁଇ ତୃତୀୟାଂଶ ଆର୍ ୟୁ ଏଫ୍ ଙ୍କ କବ୍ଜାକୁ ଚାଲିଗଲା ।

ପରିସ୍ଥିତି ଏପରି ବିଗିଡି ଯାଇଥିଲା ଯେ, ବାଧ୍ୟ ହୋଇ ମିଳିତ ଜାତିସଙ୍ଘ ଏଥିରେ ହସ୍ତକ୍ଷେପ କରିଥିଲା । ୧୯୯୯ ମସିହାରେ ମିଳିତ ଜାତିସଙ୍ଘ ଦ୍ୱାରା ସିଆର୍ ଲିଅନ୍ ର ସରକାର ଏବଂ ବିଦ୍ରୋହୀ ଆର୍ ୟୁ ଏଫ୍ ନେତା ଙ୍କ ମଧ୍ୟରେ ଏକ ଶାନ୍ତି ରାଜିନାମା ହେଲା । ଏହାର ଉଦ୍ଦେଶ୍ୟ ହେଉଛି ତୁରନ୍ତ ଗୃହ ଯୁଦ୍ଧ ବନ୍ଦ କରିବା କିନ୍ତୁ ଆର ୟୁ ଏଫ୍ ର ସର୍ତ୍ତ ଥିଲା ତାଙ୍କ ନେତା ଫୋଡ଼ି ସଙ୍କୋ ଙ୍କୁ ରାଜନୈତିକ ମର୍ଯ୍ୟାଦା ଦିଆଯାଇ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଅବସ୍ଥାପିତ କରା ଯାଉ । ତାହାହିଁ ହେଲା ଫୋଡ଼ିଙ୍କୁ ଖୁବ୍ ଦାୟିତ୍ୱ ପୂର୍ଣ୍ଣବିଭାଗ ଖଣିଜ ସମ୍ପଦର ରକ୍ଷଣା ବେକ୍ଷଣ ଦାୟିତ୍ୱ ଦିଆଗଲା ଯେପରି କି ' ଚୋର ହାତରେ ଚାବିକାଠି ' ଆର୍ ୟୁ ଏଫ୍ ସେହି ଦାୟିତ୍ୱ ପାଇଗଲା । ଅକ୍ଟୋବର ୧୯୯୯ ମସିହାରେ ଜାତିସଙ୍ଘ ସିଏରା ଲିଅନ୍ କୁ ଶାନ୍ତି ସେନା ପଠାଇ ଥିଲା । ଯାହାର ନାମ ୟୁନାଇଟେଡ୍ ନେସନସ୍ ମିଶନ୍ ଇନ୍ ସିଏରା ଲିଅନ୍ ( ୟୁ ଏନ୍ ଏ ଏମ୍ ଏସ୍ ଏଲ୍ ) । ଏହାର ମୁଖ୍ୟ କାର୍ଯ୍ୟ ଥିଲା ଆର୍ ୟୁ ଏଫ୍ କୁ ମାରଣାସ୍ତ୍ର ବ୍ୟବହାରରୁ କ୍ଷାନ୍ତ କରିବା । ବନ୍ଧକ ଥିବା ବ୍ୟକ୍ତି ମାନଙ୍କୁ ତୁରନ୍ତ ମୁକ୍ତ କରିବା ତଥା ଦେଶକୁ ପୁନର୍ବାର ଗଣତାନ୍ତ୍ରିକ ପଦ୍ଧତିରେ ଶାସନ କରିବା ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବା । ଶାନ୍ତି ସେନା ମାନଙ୍କ ମଧ୍ୟରେ ବାଂଲାଦେଶ, ବୋଲିଭିଆ , କାନାଡ଼ା . ନାଇଜେରିଆ, ଚୀନ , କ୍ରୋଏସିଆ ଇଜିପ୍ଟ , ଗାମ୍ବିଆ, ଜର୍ମାନୀ , ଘାନା , ଭାରତ, ପାକିସ୍ତାନ ଇତ୍ୟାଦି ଅନେକ ଦେଶର ସେନା ସାମିଲ ଥିଲେ । ପ୍ରଥମ ପର୍ଯ୍ୟାୟରେ ପ୍ରାୟ ଛଅ ହଜାର ସୈନିକ ପଠା ଯାଇଥିଲା କିନ୍ତୁ ମିଶନ୍ ଶେଷ ପର୍ଯ୍ୟନ୍ତ ପ୍ରାୟ ୧୭୫୦୦ ସୈନିକ ସେହି କାର୍ଯ୍ୟରେ ନିୟୋଜିତ ଥିଲେ ।

ସବୁଠାରୁ ଅଧିକ ପ୍ରାୟ ଚାରି ହଜାର ସୈନିକ ଭାରତୀୟ ଥିଲେ , ତେଣୁ ଭାରତୀୟ ସୈନିକ ସେହି ମିଶନ୍ କୁ ପରିଚାଳିତ କରୁଥିଲେ ବା ନେତୃତ୍ୱ ନେଇଥିଲେ । ଭାରତୀୟ ସୈନିକଙ୍କ ମଧ୍ୟରେ ୫/୮ ଗୋରଖା ରାଇଫଲ୍ , ୧୪ ଏବଂ ୨୩ ମେକାନାଇଜ୍ଡ ଇନ୍ ଫାଣ୍ଟ୍ରି, ଥିଲେ ଏହାକୁ ଇନ୍ ବାଟ୍-୧ ନାମ ଦିଆ ଯାଇଥିଲା । ଭାରତୀୟ ବିମାନ ବାହିନୀର ଏମ୍‌ଆଇ ୩୫ ଏବଂ ଏମ୍ ଆଇ ୧୭ ହେଲିକପ୍ଟର୍ , ୯ ପାରା ସୁଟ୍ ସ୍ୱତନ୍ତ୍ର ସେନା ମୁତୟନ ହୋଇ ଥିଲେ । ଆର୍ ୟୁ ଏଫ୍ କୌଣସି ପରିସ୍ଥିତିରେ ହାତ ହତିଆର ସମର୍ପଣ କରିବାକୁ ରାଜି ନଥିଲେ, ପରନ୍ତୁ ସେମାନେ ଅଧିକରୁ ଅଧିକ ହିଂସ୍ର ହୋଇ ଯାଇ ଥିଲେ । ଜାତିସଂଘର ଶାନ୍ତି ସେନାଙ୍କୁ ନିର୍ଦ୍ଦେଶ ଥିଲା ଯେ ସେମାନେ ମନଇଚ୍ଛା କାହାରି ଉପରେ ଗୁଳି ଗୋଳା ଚଳାଇ ପାରିବେ ନାହିଁ । ନିହାତି ଆବଶ୍ୟକ ପଡ଼ିଲେ କେବଳ ନିଜ ଜୀବନ ରକ୍ଷା ପାଇଁ ଗୁଳି ଚଳାଇ ପାରିବେ । ଏହାର ସୁଯୋଗ ନେଇ ଆର୍ ୟୁ ଏଫ୍ ଅନ୍ୟ ଦେଶର ଶାନ୍ତି ସେନା ମାନଙ୍କ ଠାରୁ ଜୋର ଜବରଦସ୍ତ ଆଧୁନିକ ଅସ୍ତ୍ରଶସ୍ତ୍ର ଛଡାଇ ନେଇ ସେମାନଙ୍କୁ ବନ୍ଦୀ କରୁଥିଲେ ନିର୍ଯାତନା ଦେଉଥିଲେ ବା ଦେଶ ତ୍ୟାଗ କରିବାକୁ ବାଧ୍ୟ କରୁଥିଲେ । ଭାରତୀୟ ସୈନିକ ମାନେ କୌଣସି ପରିସ୍ଥିତିରେ ଆର୍ ୟୁ ଏଫ ନିକଟରେ ହାର ମାନି ନଥିଲେ । ତାଙ୍କର କର୍ତ୍ତବ୍ୟ ନିଷ୍ଠା ଦେଖି ତାଙ୍କୁ ଦୁଇଟି ସ୍ଥାନରେ ନିୟୋଜିତ କରା ଯାଇଥିଲା । ସିଏରା ଲିଅନନ୍ ର ଦାରୁ ଏବଂ କେଲୟା ହୁନ୍ ଏହି ଦୁଇଟି ସ୍ଥାନରେ ଆର୍ ୟୁ ଏଫ୍ ୧୦ ବର୍ଷରୁ ଅଧିକ ସମୟ ଧରି ଖୁବ୍ ସକ୍ରିୟ ଭାବେ ଦମନ ଲୀଳା ଚଳାଉ ଥିଲେ । କେଲୟା ହୁନ୍ ରେ ଲୋକ ମାନେ ପାନୀୟ ଜଳ, ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ଥିଲେ । ଭାରତୀୟ ଶାନ୍ତି ସେନା ସେଠାରେ ପାନୀୟ ଜଳ ସ୍ୱାସ୍ଥ୍ୟ ସେବା ଯୋଗାଇବା ସହିତ ଛୋଟ ପିଲାଙ୍କୁ ପାଠ ପଢ଼ାଇବାକୁ ଆରମ୍ଭ କରି ଦେଇଥିଲେ । ମାଗଣାରେ ଖାଦ୍ୟ ପେୟ ମଧ୍ୟ ବିତରଣ କରୁଥିଲେ, ସ୍ଥାନୀୟ ଲୋକମାନେ ଭାରତୀୟ ସେନାଙ୍କର ଜନ ହିତକର କାର୍ଯ୍ୟର ଉଚ୍ଚ ପ୍ରଶଂସା କରୁଥିଲେ । ବନ୍ଧୁତା ଏବଂ ବିଶ୍ୱାସ ଜନ୍ମାଇ ଭାରତୀୟ ଶାନ୍ତି ସେନା ସିଏରା ଲିଅନ୍ ର ଦେଶବାସୀଙ୍କ ପ୍ରିୟ ହୋଇ ଗଲେ । ମେଜର୍ ରାଜ୍ ପାଲ୍ ପୁନିଆ ଏବଂ ତାଙ୍କ ସହକର୍ମୀ ମାନେ ସ୍ଥାନୀୟ ଲୋକଙ୍କୁ ବ୍ରଦର୍ ସିଷ୍ଟର୍ ଭାବେ ସମ୍ବୋଧିତ କରୁଥିଲେ । ଏହି ସବୁ କାରଣରୁ ଆର୍ ୟୁ ଏଫ୍ ଅଧିକ ପ୍ରତିହିଂସା ପରାୟଣ ହୋଇ ଉଠିଥିଲା । ଆଧୁନିକ ହାତହତିଆର ସହିତ ଆତ୍ମ ସମର୍ପଣ କରିବାକୁ ମିଳିତ ଜାତିସଙ୍ଘ ତଥା ପୃଥିବୀର ଅନେକ ଦେଶର ଚାପ ଆର୍ ୟୁ ଏଫ୍ ଉପରେ ପଡ଼ି ଥିଲା । ଭାରତୀୟ ଶାନ୍ତି ସେନାଙ୍କ ଉପରେ ଆର୍ ୟୁ ଏଫ୍ କ୍ଷୁବ୍ଧ ହୋଇ ଯାଇଥିଲା । ମଇ ମାସ ୨ ତାରିଖ ୨୦୦୦ ମସିହାର ଏକ ସକାଳ , ମେଜର୍ ରାଜ୍ ପାଲ ପୁନିଆଙ୍କ ଶିବିରରେ ଜଣେ ସ୍ଥାନୀୟ ଯୁବତୀ ଉପସ୍ଥିତ ହୋଇ ଥିଲେ । ସେ କର୍ଣ୍ଣେଲ ମାର୍ଟିନ୍ ଙ୍କ ଦ୍ୱାରା ଦିଆ ଯାଇଥିବା ଖବର ମେଜରଙ୍କୁ ଦେଇଥିଲେ କି ସେହିଦିନ ଟାଉନ ହଲ ଠାରେ ସକାଳ ୯ ଟା ସମୟରେ ଆର୍ ୟୁ ଏଫ୍ ହାତ ହତିଆର ସହିତ ଆତ୍ମସମର୍ପଣ କରିବ । ତେଣୁ ସେ ସେଠାକୁ ନିର୍ଦ୍ଧାରୀତ ସମୟରେ ଯିବାକୁ ପଡିବ । ମେଜର୍ ପୁନିଆ ଖୁବ୍ ଖୁସି ହୋଇ ମେଜର୍ ନାୟର୍ ଏବଂ ଅନ୍ୟ ସୈନିକଙ୍କ ସହିତ ଟାଉନ୍ ହଲ ପହଞ୍ଚି ଯାଇଥିଲେ । ସେଠାରେ ତାଙ୍କର ଆର୍ ୟୁ ଏଫ୍ ର ଅନ୍ୟଜଣେ ନେତା ମେଜର୍ କୁପୋଇଙ୍କ ସହିତ ଦେଖା ହୋଇଥିଲା । ତାଙ୍କୁ କର୍ଣ୍ଣେଲ୍ ମାର୍ଟିନ୍ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କୁହା ଯାଇଥିଲା । କିନ୍ତୁ ସେ ଆର୍ ୟୁ ଏଫ୍ ର ଛଳନାର ଶିକାର ହୋଇଥିଲେ । ତାଙ୍କୁ ଖବର ଦେଉଥିବା ଯୁବତୀ ଜଣକ ଆର୍ ୟୁ ଏଫ୍ ର ଜଣେ ସକ୍ରିୟ ସଦସ୍ୟ ଥିଲେ । ସେଠାରେ ତାଙ୍କ ସହିତ ଅନ୍ୟ ଭାରତୀୟ ସୈନ୍ୟ ମାନଙ୍କୁ ପଣ ବନ୍ଦୀ କରି ଦିଆଗଲା । କ୍ରମଶଃ ....

ସମ୍ମାନ ସହ।

**ଝାଞ୍ଜିରୀ ମଙ୍ଗଳା ,**
**କଟକ ୭୫୩୦୦୯**
**ମୋ: ୯୯୩୭୧୭୪୦୯୭**

# ତୃଣମୂଳ କଂଗ୍ରେସର ଗଡରେ ଏବଂ ବିଜେପିର ବିଜୟ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଭାରତର ଗଣତନ୍ତ୍ର ବିଶ୍ୱର ସର୍ବବୃହତ ଏବଂ ସକ୍ରିୟ ଗଣତନ୍ତ୍ର ଭାବରେ ଜଣାଶୁଣା। ଏଠାରେ ପ୍ରତ୍ୟେକ ନିର୍ବାଚନ କେବଳ ସରକାର ଗଠନ କରିବାର ପ୍ରକ୍ରିୟା ନୁହେଁ, ବରଂ ଜନମତର ପ୍ରକାଶ ମଧ୍ୟ। ଗତ କିଛି ବର୍ଷ ଧରି ପଶ୍ଚିମବଙ୍ଗ ରାଜନୀତି ଆଲୋଚନାର ଏକ ପ୍ରମୁଖ ବିଷୟ ହୋଇଆସିଛି। ଦୀର୍ଘ ସମୟ ଧରି ତୃଣମୂଳ କଂଗ୍ରେସ ଏବଂ ବିଜେପି ମଧ୍ୟରେ ଏକ ଭୟଙ୍କର ରାଜନୈତିକ ସଂଘର୍ଷ ଚାଲିଥିଲା ଯାହାର ନିକଟରେ ଅବସାନ ଘଟିଛି ଓ ଶେଷରେ ବିଜେପି ମମତା ବାନାର୍ଜୀଙ୍କ ଦଳକୁ ବଡ଼ ବ୍ୟବଧାନରେ ପରାସ୍ତ କରି ବଙ୍ଗଳା ଦଖଲ କରିଛି । ତେବେ ତୃଣମୂଳ କଂଗ୍ରେସର ପରାଜୟ ଏବଂ ବିଜେପିର ବିଜୟ ପଛର ପ୍ରମୁଖ କାରଣଗୁଡ଼ିକୁ ଅନୁସନ୍ଧାନ କରିବା। ପଶ୍ଚିମବଙ୍ଗର ରାଜନୀତି ଦୀର୍ଘ ସମୟ ଧରି ବାମପନ୍ଥୀ ଚିନ୍ତାଧାରା ଆଡକୁ ମୁହାଁଇଥିଲା। ବାମ ମୋର୍ଚ୍ଚା ୩୪ ବର୍ଷ ଧରି ରାଜ୍ୟକୁ ଶାସନ କରିଥିଲା। ତଥାପି, ୨୦୧୨ ରେ, ମମତା ବାନାର୍ଜୀଙ୍କ ନେତୃତ୍ୱରେ ତୃଣମୂଳ କଂଗ୍ରେସ ପରିବର୍ତ୍ତନ ର ଏକ ନାରା ଦେଇ କ୍ଷମତାକୁ ଆସିଥିଲା। ସେତେବେଳେ ଲୋକମାନେ ବାମ ଶାସନରେ ବିରକ୍ତ ହୋଇ ନୂତନ ନେତୃତ୍ୱକୁ ଗ୍ରହଣ କରିଥିଲେ। ତଥାପି ସମୟ ସହିତ ତୃଣମୂଳ କଂଗ୍ରେସ ପ୍ରତି ବଢୁଥିବା ଅସନ୍ତୋଷ ବୃଦ୍ଧି ପାଇବା ଆରମ୍ଭ କଲା। ଏହାର ଅନେକ ପ୍ରମୁଖ କାରଣ ଅଛି। ଆମେ ଜାଣୁ ଯେ ଯେତେବେଳେ ଏକ ଦଳ ଦୀର୍ଘ ସମୟ ଧରି କ୍ଷମତାରେ ରହିଥାଏ, ସେତେବେଳେ ଲୋକଙ୍କ ମଧ୍ୟରେ ଏକ ପ୍ରକାର ଅସନ୍ତୋଷ ଦେଖାଯାଏ । ତୃଣମୂଳ କଂଗ୍ରେସ କ୍ଷମତାରେ ୧୫ ବର୍ଷ ପରେ, ଲୋକମାନେ ପରିବର୍ତ୍ତନ ଚାହୁଁଥିଲେ। ସେହି ସମୟରେ, ସରକାରଙ୍କ ପ୍ରତି ଅସନ୍ତୋଷ ମଧ୍ୟ ବୃଦ୍ଧି ପାଇଲା। ଲୋକମାନେ ନୂତନ ବିକଳ୍ପ ଖୋଜିବା ଆରମ୍ଭ କଲେ। ଏହି ଅସନ୍ତୋଷ ମଧ୍ୟରେ ବିଭିନ୍ନ କଥା ଅଛି। ତେବେ ବିଶେଷ କରି ମହିଳାଙ୍କ ବିରୁଦ୍ଧରେ ଅତ୍ୟାଚାର ବୃଦ୍ଧି , ମମତା ସରକାର ବାଂଲାଦେଶୀ ଅନୁପ୍ରବେଶକୁ ପ୍ରୋତ୍ସାହିତ କରିବା , ଏବଂ ବିଶେଷକରି ଗୁଣ୍ଡାମାନଙ୍କର ଗୁଣ୍ଡାରାଜ ପ୍ରଭାବ ଯାହା ବିଜେପିକୁ ତୃଣମୂଳ କଂଗ୍ରେସ କୁ ଘେରିବା ଓ ଲୋକମାନଙ୍କ ମଧ୍ୟରେ ଏକ ବିକଳ୍ପ ଭାବରେ ଠିଆ ହେବା ବିଜେପିକୁ ଏକ ସୁଯୋଗ ଦେଇଥିଲା। ତୃଣମୂଳ କଂଗ୍ରେସର ଭାବମୂର୍ତ୍ତିକୁ କ୍ଷତି ପହଞ୍ଚାଉଥିବା ସବୁଠାରୁ ବଡ଼ କାରଣ ଥିଲା ଦୁର୍ନୀତିର ଅଭିଯୋଗ। ପ୍ରମୁଖ ଅଭିଯୋଗ ମଧ୍ୟରେ ଚିଟ୍ ଫଣ୍ଡ ଦୁର୍ନୀତି, ଶିକ୍ଷକ ନିଯୁକ୍ତି ଦୁର୍ନୀତି ଏବଂ ସ୍ଥାନୀୟ ସ୍ତରରେ ଅନେକ ଅନିୟମିତତା ଥିଲା। ଏହି ସମସ୍ତ ଘଟଣା ଲୋକଙ୍କୁ ଅନୁଭବ କରାଇଲା ଯେ ଦଳରେ ସ୍ୱଚ୍ଛତାର ଅଭାବ ଅଛି। ତୃଣମୂଳ କଂଗ୍ରେସର ନେତୃତ୍ୱ ମୁଖ୍ୟତଃ ମମତା ବାନାର୍ଜୀଙ୍କ ଉପରେ ନିର୍ଭର କରୁଥିଲା। ସେ ଦଳକୁ ଦୃଢ଼ ନେତୃତ୍ୱ ପ୍ରଦାନ କରିଥିଲେ, କିନ୍ତୁ ଦଳର ଅନ୍ୟ ବରିଷ୍ଠ ନେତାଙ୍କ ଭୂମିକାକୁ ଅଣଦେଖା କରାଯାଇଥିଲା ଯାହା ତୃଣମୂଳ କଂଗ୍ରେସ ସରକାର ପତନର କାରଣ ହେଲା। ତୃଣମୂଳ କଂଗ୍ରେସ ବିରୁଦ୍ଧରେ ଗୁଣ୍ଡାଗିରିର ଅଭିଯୋଗ ସର୍ବଦା ଭାରତୀୟ ରାଜନୀତିରେ ଏକ ବିବାଦୀୟ ବିଷୟ ହୋଇଆସିଛି। ବିରୋଧୀ ଦଳଗୁଡ଼ିକ ବିଶେଷକରି ପଶ୍ଚିମବଙ୍ଗରେ ନିର୍ବାଚନ ସମୟରେ ସଦାସର୍ବଦା ମମତାଙ୍କ ଶାସନ କାଳରେ ହିଂସା, ଲୋକଙ୍କୁ ଭୟଭୀତ କରିବା ଏବଂ ରାଜନୈତିକ ଚାପ ସୃଷ୍ଟି କରିବାର ଅଭିଯୋଗ ଆଣିଛନ୍ତି। କିଛି କ୍ଷେତ୍ରରେ ଭୋଟରଙ୍କୁ ଭୟଭୀତ କରିବା ଏବଂ ବିରୋଧୀ କର୍ମୀଙ୍କ ଉପରେ ଆକ୍ରମଣ ଘଟଣା ଗଣମାଧ୍ୟମ ଏବଂ ବିଶେଷଜ୍ଞଙ୍କ ଦ୍ୱାରା ରିପୋର୍ଟ କରାଯାଇଛି ଯାହା ସଦାସର୍ବଦା ଲୋକମାନଙ୍କ ପାଖରେ ମମତାର ଭାବମୂର୍ତ୍ତୀ କୁ ଖରାପ କରି ଚାଲିଥିଲା । ତଥାପି, ମମତା ବାନାର୍ଜୀଙ୍କ ଦଳ ଏପରି ଅଭିଯୋଗକୁ ନିରନ୍ତର ପ୍ରତ୍ୟାଖ୍ୟାନ କରିଆସିଛି, ଏହା ରାଜନୈତିକ ଷଡ଼ଯନ୍ତ୍ର ଏବଂ ଦଳକୁ ବଦନାମ କରିବାର ପ୍ରୟାସ ବୋଲି ଦଳ କହି ଚାଲିଥିଲା କହିଛି। ତୃଣମୂଳ କଂଗ୍ରେସ ଶାସନ ସମୟରେ ମହିଳା ସୁରକ୍ଷା, ଉତ୍ପୀଡ଼ନ ଏବଂ ବଳାତ୍କାର ଭଳି ପ୍ରସଙ୍ଗଗୁଡ଼ିକ ଉପରେ ବାରମ୍ବାର ଆଲୋଚନା ଏବଂ ବିତର୍କ ଜାତୀୟ ସ୍ତରରେ ସଦା ସର୍ବଦା ହୋଉଥିଲା । ଭାରତର ସମସ୍ତ ରାଜ୍ୟ ପରି, ପଶ୍ଚିମବଙ୍ଗରେ ମହିଳାମାନଙ୍କ ବିରୁଦ୍ଧରେ ଅପରାଧ ଏକ ଗମ୍ଭୀର ସାମାଜିକ ସମସ୍ୟା ହୋଇ ରହିଛି କହିଲେ ଅତ୍ୟୁକ୍ତି ହେବନାହିଁ । କିଛି କ୍ଷେତ୍ରରେ, ପଶ୍ଚିମବଙ୍ଗର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନ ଉଠିଛି, ଏବଂ ବିରୋଧୀ ବିଜେପି ଏହି ପ୍ରସଙ୍ଗକୁ ରାଜନୈତିକ ଭାବରେ ବ୍ୟବହାର କରିଛି। ତୃଣମୂଳ କଂଗ୍ରେସ ଅଧୀନରେ, ବିଶେଷକରି ମମତା ବାନାର୍ଜୀଙ୍କ ଅଧୀନରେ, ମହିଳାମାନଙ୍କ ବିରୁଦ୍ଧରେ ଅତ୍ୟାଚାର, କିଛି କ୍ଷେତ୍ରରେ ପୋଲିସ ତଦନ୍ତର ଅଭାବ, ରାଜନୈତିକ ପ୍ରଭାବ ଏବଂ ବିଭିନ୍ନ ଅଞ୍ଚଳରେ ବଳାତ୍କାର ଏବଂ ହତ୍ୟା ମାମଲାର ପୀଡିତାଙ୍କ ପାଇଁ ନ୍ୟାୟରେ ବିଳମ୍ବ ମମତା ବାନାର୍ଜୀଙ୍କ ପ୍ରତି ଜନସାଧାରଣଙ୍କ ଘୃଣାକୁ ପ୍ରୋତ୍ସାହିତ କରିଥିଲା । ଏହା ମଧ୍ୟ କ୍ରୋଧ ଏବଂ ଭୟକୁ ପ୍ରୋତ୍ସାହିତ କରିଥିଲା । ମହିଳା ବିରୋଧୀ ଅପରାଧ କେବଳ ଆଇନ ଶୃଙ୍ଖଳା ସମସ୍ୟା ନୁହେଁ ଏହା ସମାଜର ମୂଳ ମୂଲ୍ୟବୋଧ ସହିତ ଜଡିତ। ଏହା କହିବା ଭୁଲ ହେବ ନାହିଁ ଯେ କିଛି କ୍ଷେତ୍ରରେ ମମତା ବାନାର୍ଜୀଙ୍କ ଏହି ପ୍ରସଙ୍ଗଗୁଡ଼ିକର ସମାଧାନ କରିବାରେ ବିଫଳତା ତାଙ୍କ ପରାଜୟର ଏକ ପ୍ରମୁଖ କାରଣ ଥିଲା। ପୂର୍ବ ଭାରତରେ, ବିଶେଷକରି ପଶ୍ଚିମବଙ୍ଗ ରାଜ୍ୟରେ, ବାଂଲାଦେଶୀ ଅନୁପ୍ରବେଶ ଏବଂ ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ପ୍ରସଙ୍ଗ ଦୀର୍ଘ ଦିନ ଧରି ଆଲୋଚନାର ଏକ ରାଜନୈତିକ ବିଷୟ ହୋଇଆସିଛି। ବିରୋଧୀ ଦଳଗୁଡ଼ିକ ଏହି ପ୍ରସଙ୍ଗରେ ତୃଣମୂଳ କଂଗ୍ରେସ ବିରୁଦ୍ଧରେ ଅନେକ ଅଭିଯୋଗ ଏବଂ ଆପତ୍ତି ଉଠାଇ ଆସୁଥିଲେ । ଭାରତ-ବାଂଲାଦେଶର ଲମ୍ବା ସୀମା ଏବଂ କିଛି ଅଞ୍ଚଳରେ ଅପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ହେଉଛି ଅବୈଧ ଅନୁପ୍ରବେଶ ବିଷୟରେ ଚିନ୍ତାର କାରଣ। କିଛି ରାଜନୈତିକ ଦଳ ବିଶେଷକରି ଭାରତୀୟ ଜନତା ପାର୍ଟି ଦାବି କରନ୍ତି ଯେ ଅନେକ ବାଂଲାଦେଶୀ ପଶ୍ଚିମବଙ୍ଗରେ ଅବୈଧ ଭାବରେ ରହୁଛନ୍ତି ଏବଂ ସେଥିପାଇଁ ମମତା ବାନାର୍ଜୀ ସରକାର ସେମାନଙ୍କୁ ଭୋଟ ବ୍ୟାଙ୍କ ସମର୍ଥନ ଦେଇଥିଲେ ଏବଂ ସେମାନଙ୍କ ପ୍ରତି ନରମ ମନୋଭାବ ପୋଷଣ କରିଥିଲେ , ଯାହା ପଶ୍ଚିମବଙ୍ଗର ଲୋକମାନଙ୍କୁ ପ୍ରଭାବିତ କରିଛି ଏବଂ ଏହା ତୃଣମୂଳ କଂଗ୍ରେସର ପରାଜୟର ଏକ ପ୍ରମୁଖ କାରଣ ମଧ୍ୟ।ଏହା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅନ୍ୟାନ୍ୟ ନେତାଙ୍କ ପ୍ରଭାବ ବିଜେପିକୁ ମଜବୁତ କରିଥିଲା। ନିର୍ବାଚନ ସମୟରେ ବିଜେପି ବ୍ୟବସ୍ଥିତ ଏବଂ ଆକ୍ରମଣାତ୍ମକ ଭାବରେ ପ୍ରଚାର କରିଥିଲା। ପ୍ରଚାରର ପ୍ରମୁଖ ଦିଗଗୁଡ଼ିକ ମଧ୍ୟରେ ଡିଜିଟାଲ ମିଡିଆ, ବୁଥ୍-ସ୍ତରୀୟ ସଂଗଠନ ଏବଂ ବଡ଼ ରାଲି ଏବଂ ସଭାର ବ୍ୟବହାର ଅନ୍ତର୍ଭୁକ୍ତ ଥିଲା। ଏହା ଜନସାଧାରଣଙ୍କ ପ୍ରତି ବିଜେପିର ଆକର୍ଷଣ ବୃଦ୍ଧି କରିଥିଲା। ବିଜେପି ଧର୍ମ ଏବଂ ଜାତୀୟତାବାଦକୁ କେନ୍ଦ୍ରୀୟ ପ୍ରସଙ୍ଗ କରିଥିଲା, ଯେପରିକି ହିନ୍ଦୁ ଏକତା, ଜାତୀୟ ସୁରକ୍ଷା ଏବଂ ସାଂସ୍କୃତିକ ଗର୍ବ, ଯାହା ଅନେକ ଭୋଟରଙ୍କୁ ଆକର୍ଷିତ କରିଥିଲା। ନିର୍ବାଚନରେ ଯୁବପିଢ଼ି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ବିଜେପି ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ଉଭୟରେ ଏହାର ପ୍ରଭାବ ବିସ୍ତାର କରିଥିଲା। ଏହାର ଦୀର୍ଘ ଶାସନ କାଳରେ, ତୃଣମୂଳ କଂଗ୍ରେସ ଦଳ ଆଭ୍ୟନ୍ତରୀଣ ଦୁର୍ବଳତାର ସମ୍ମୁଖୀନ ହୋଇଥିଲା, ଯେପରିକି ତୃଣମୂଳ କଂଗ୍ରେସ ଭିତରେ ଜାତି ବିବାଦ, ପ୍ରମୁଖ ନେତାଙ୍କ ପ୍ରସ୍ଥାନ ଏବଂ ନେତୃତ୍ୱ ପ୍ରସଙ୍ଗ। ଏହା ଦଳକୁ ଦୁର୍ବଳ କରିଥିଲା। ଏହା ବ୍ୟତୀତ, ଗଣମାଧ୍ୟମ ବିଜେପିର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଉଭୟ ଦଳ ମହିଳାମାନଙ୍କୁ ଟାର୍ଗେଟ କରିଥିଲେ, କିନ୍ତୁ ବିଜେପିକୁ ସମର୍ଥନ ମଧ୍ୟ ମିଳିଥିଲା। ଅର୍ଥନୀତି, ବେକାରୀ ଏବଂ ବୃଦ୍ଧି ପାଉଥିବା ଦାରିଦ୍ର୍ୟ ମଧ୍ୟ ଜନସାଧାରଣଙ୍କ ଭୋଟକୁ ପ୍ରଭାବିତ କରିଥିଲା। ବିଜେପିର ସଠିକ୍ ରଣନୀତି ଭାରତୀୟ ଜନତା ପାର୍ଟିକୁ ଏକ ବଡ଼ ବିଜୟ ଦେଇଥିଲା। ତୃଣମୂଳ କଂଗ୍ରେସର ପରାଜୟ ଏବଂ ବିଜେପିର ବିଜୟ ପଛରେ କେବଳ ଗୋଟିଏ କାରଣ ନାହିଁ, ଅନେକ କାରଣ ଅଛି। ଏହା ରାଜନୈତିକ, ସାମାଜିକ, ଆର୍ଥିକ ଏବଂ ମାନସିକ ପରିବର୍ତ୍ତନର ଫଳାଫଳ। ଗଣତନ୍ତ୍ରରେ ଜନମତ ହେଉଛି ସବୁଠାରୁ ଶକ୍ତିଶାଳୀ ଶକ୍ତି। ଯେଉଁ ଦଳ ଲୋକଙ୍କ ଆଶା ପୂରଣ କରିବ ସେହି ଦଳ ଜିତିବ ଏହା ଚିରନ୍ତନ ସତ୍ୟ ।

**ଅରଙ୍ଗାବାଦ ବରୀ ଯାଜପୁର**
**୮୨୪୯୫୦୨୭୭୬**

# ପିଏ-ଆଇଟିଡିଏ ଥୁଆମୂଳ ରାମପୁର ନାମରେ ସଙ୍ଗୀନ ଅଭିଯୋଗ

## ବିଲ୍ ପାସ୍‌ରେ ଅନିୟମିତତା ଓ ଲାଞ୍ଚ କାରବାର ନେଇ ଚର୍ଚ୍ଚା



**ଭବାନୀପାଟଣା, ୩୦।୫ :** ଥୁଆମୂଳ ରାମପୁର ପିଏ-ଆଇଟିଡିଏ କାର୍ଯ୍ୟାଳୟକୁ ନେଇ ଏବେ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ବିଲ୍ ପାସ୍ ? ପ୍ରକ୍ରିୟାରେ ଅନିୟମିତତା ଓ ଦୁର୍ନୀତି ହୋଇଥିବା ନେଇ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ଅଭିଯୋଗ ଅନୁସାରେ, କେତେକ କ୍ଷେତ୍ରରେ କାର୍ଯ୍ୟ ସମାପ୍ତ ହୋଇଥିଲେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କ ବିଲ୍ ଦୀର୍ଘଦିନ ଧରି ଅଟକାଇ ରଖାଯାଉଛି। ବିଲ୍ ପାସ୍ ? ପଛରେ ମୋଟା ଅଙ୍କର ଲାଞ୍ଚ କାରବାର ଚାଲୁଥିବା ନେଇ ମଧ୍ୟ ସ୍ଥାନୀୟ ସ୍ତରରେ ଚର୍ଚ୍ଚା ହେଉଛି। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କେତେକ ଜୁନିୟର ଇଞ୍ଜିନିୟର (ଜେଇ)ଙ୍କୁ ମାଧ୍ୟମ କରି ଏହି କାରବାର ପରିଚାଳିତ ହେଉଥିବା ଅଭିଯୋଗ ହେଉଛି। କେବଳ ବର୍ତ୍ତମାନର ନୁହେଁ, ପୂର୍ବତନ ପିଏ-ଆଇଟିଡିଏଙ୍କ କାର୍ଯ୍ୟକାଳକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଥିବା କୁହାଯାଉଛି। ଏହା ସହିତ, ଥୁଆମୂଳ ରାମପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ନାମରେ କୋଟି କୋଟି ଟଙ୍କାର ଜାଲ୍ ? ବିଲ୍ (ଫଲ୍ସ ବିଲ୍) ପ୍ରସ୍ତୁତ କରି ସରକାରୀ ଅର୍ଥ ଆତ୍ମସାତ କରାଯାଇଥିବା ନେଇ ମଧ୍ୟ ଅଭିଯୋଗ ସାମ୍ନାକୁ ଆସିଛି। ଏହି ଘଟଣାରେ ଦୁଇଜଣ ଜେଇଙ୍କ ସମ୍ପୃକ୍ତତା ଥିବା କଥା କେତେକ ମହଲରେ ଆଲୋଚନା ହେଉଛି। ତେବେ ଏହି ଅଭିଯୋଗଗୁଡ଼ିକର ସରକାରୀ ସ୍ତରରେ ସ୍ୱତନ୍ତ୍ର ପୁଷ୍ଟି ହୋଇନାହିଁ। ଅନ୍ୟପଟେ, କେସିଙ୍ଗା ଗାଇଗାଁ ସ୍ଥିତ ଡ଼ଙ୍ଗରମୁଣ୍ଡା ରେ ଏଷ୍ଟିମେଟ୍ ?ରେ କୌଣସି କାର୍ଯ୍ୟର ମୂଲ୍ୟ ଚାରି ଲକ୍ଷ ଟଙ୍କା ଦର୍ଶାଯାଇଥିବା ବେଳେ କାର୍ଯ୍ୟସ୍ଥଳରେ ପାଞ୍ଚ ଲକ୍ଷ ଟଙ୍କାର ସୂଚନା ଫଳକ ଲାଗିଥିବା ଦେଖାଯାଉଥିବା ଅଭିଯୋଗ ମଧ୍ୟ ହେଉଛି। ଏଭଳି ଅସଙ୍ଗତିକୁ ନେଇ ସରକାରୀ ଅର୍ଥ ବ୍ୟବହାରର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠୁଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, କେତେକ ପ୍ରକଳ୍ପରେ ଗୋଟିଏ କାମ ପାଇଁ ବାରମ୍ବାର ବିଲ୍ କରାଯାଇ ସରକାରୀ ଅର୍ଥ ଆତ୍ମସାତ କରାଯାଇଥାଇପାରେ। ଯଦି ଏହି ଅଭିଯୋଗର ସତ୍ୟତା ରହିଥାଏ, ତେବେ ଏହା ଏକ ବଡ଼ ଆର୍ଥିକ ଦୁର୍ନୀତିର ରୂପ ନେଇପାରେ। ଏହି ସମସ୍ତ ଅଭିଯୋଗର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ଅଞ୍ଚଳବାସୀ। ତଦନ୍ତ ପରେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି ସାଧାରଣରେ ଆଶା ପ୍ରକାଶ ପାଉଛି।

### ନାଳି ପାଣିରେ ଜୀବନ, ପ୍ରଶାସନ ନିରବ

# ପାନୀୟ ଜଳ ସଙ୍କଟରେ ସୁନ୍ଦରକଣି, ରୋଗ ଭୟରେ ଗ୍ରାମବାସୀ





**ଜଗତସିଂହପୁର,୩୦।୫ :** ଏରସମା ବ୍ଲକ ଅନ୍ତର୍ଗତ ପଲ୍ଲୀକଣ୍ଠା ପଞ୍ଚାୟତର ସୁନ୍ଦରକଣି ଗ୍ରାମରେ ପାନୀୟ ଜଳ ସମସ୍ୟା ଏବେ ଚରମ ସୀମାରେ ପହଞ୍ଚିଛି। ବର୍ଷ ବର୍ଷ ଧରି ବିଶୁଦ୍ଧ ପାଣିରୁ ବଞ୍ଚିତ ହୋଇ ଗ୍ରାମବାସୀ ଲୌହଯୁକ୍ତ (ଆଇରନ) ନାଳି ରଙ୍ଗର ପାଣି ପିଇବାକୁ ବାଧ୍ୟ ହେଉଥିବା ବେଳେ, ଏହାର ପ୍ରଭାବରେ ବିଭିନ୍ନ ରୋଗ ବ୍ୟାପୁଥିବା ଅଭିଯୋଗ ଉଠିଛି। କିଛି ଲୋକ କିଡନୀ ସମସ୍ୟାରେ ଆକ୍ରାନ୍ତ ହୋଇଥିବା ନେଇ ମଧ୍ୟ ଗ୍ରାମବାସୀ ଚିନ୍ତା ପ୍ରକାଶ କରିଛନ୍ତି। ଗାଁରେ ଥିବା ଅଧିକାଂଶ ନଳକୂପରୁ ନାଳି ରଙ୍ଗର ପାଣି ବାହାରୁଥିବା ବେଳେ କେତେକ ନଳକୂପ ଏତେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି ଯେ, ହ୍ୟାଣ୍ଡେଲ ଚଲାଇବା ମାତ୍ରେ ସମ୍ପୂର୍ଣ୍ଣ ନଳକୂପ ଥରି ଉଠୁଛି। ଏପରି ସ୍ଥିତିରେ ଲୋକଙ୍କ ପାଖରେ ବିକଳ୍ପ ବ୍ୟବସ୍ଥା ନଥିବାରୁ ସେହି ଦୂଷିତ ପାଣି ହିଁ ଜୀବନର ଏକମାତ୍ର ଭରସା ପାଲଟିଛି। ସରକାରଙ୍କ 'ବସୁଧା' ଯୋଜନାରେ ଗାଁକୁ ପାଇପ ବିଛାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଘରେ ଘରେ ପାଣି ପହଞ୍ଚି ପାରିନାହିଁ। ପ୍ରାୟ ପାଞ୍ଚ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ସମାଧାନ ହୋଇନାହିଁ। ଗ୍ରାମବାସୀଙ୍କ ଅଭିଯୋଗ, ବାରମ୍ବାର ପ୍ରଶାସନ ଓ ଜନପ୍ରତିନିଧିଙ୍କୁ ଜଣାଇଥିଲେ ମଧ୍ୟ କେହି ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। କେବଳ ପାନୀୟ ଜଳ ନୁହେଁ, ଗାଧୋଇବା ଓ ଦୈନନ୍ଦିନ କାମ ପାଇଁ ମଧ୍ୟ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନଳକୂପ ପାଣିରେ ଲୁଗାପଟା ଧୋଇଲେ ତାହା ହଳଦିଆ ରଙ୍ଗ ଧାରଣ କରୁଥିବା ବେଳେ, ଗାଁରେ ଉପଯୁକ୍ତ ପୋଖରୀ ମଧ୍ୟ ନାହିଁ। ଅନ୍ୟପଟେ ନିକଟସ୍ଥ ନଦୀର ପାଣି ଲୁଣିଆ ହୋଇଥିବାରୁ ତାହା ମଧ୍ୟ ବ୍ୟବହାର ଉପଯୋଗୀ ନୁହେଁ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଜଳ ସଙ୍କଟ ଅଧିକ ଉତ୍କଟ ହୋଇପଡ଼ିଥିବା ବେଳେ ଗ୍ରାମର ମହିଳାମାନେ ହାତଯୋଡ଼ି ଗଣମାଧ୍ୟମ ଜରିଆରେ ପ୍ରଶାସନଙ୍କୁ ନିବେଦନ କରିଛନ୍ତି। "ଆମକୁ ଶୁଦ୍ଧ ପାଣି ଦିଅନ୍ତୁ, ବଞ୍ଚିବାର ଅଧିକାର ଦିଅନ୍ତୁ" ବୋଲି ସେମାନେ ଆକୁଳ ନିବେଦନ କରିଛନ୍ତି। ଏବେ ଦେଖିବାକୁ ବାକି ରହିଲା, ଦୀର୍ଘ ଦିନର ଏହି ଜଳ ଯନ୍ତ୍ରଣା ପ୍ରତି ପ୍ରଶାସନ କେବେ ଦୃଷ୍ଟି ଦେଉଛି ଏବଂ ସୁନ୍ଦରକଣିବାସୀଙ୍କୁ କେବେ ମିଳୁଛି ବିଶୁଦ୍ଧ ପାନୀୟ ଜଳ ।

# ଆମ୍ବିକି ପଞ୍ଚାୟତରେ ନିଶାମୁକ୍ତିର ଆନ୍ଦୋଳନ

## ଚୋରା ମଦ ବେପାର ବନ୍ଦ ପାଇଁ ରାସ୍ତାକୁ ଓହ୍ଲାଇଲେ ଶତାଧିକ ମହିଳା

**ଜଗତସିଂହପୁର,୩୦।୫ :** ଗ୍ରାମାଞ୍ଚଳରେ ବଢୁଥିବା ଚୋରା ମଦ ବେପାର ଓ ଏହାର କୁପ୍ରଭାବ ବିରୋଧରେ ଏରସମା ବ୍ଲକର ଆମ୍ବିକି ପଞ୍ଚାୟତରେ ଆରମ୍ଭ ହୋଇଛି ଜୋରଦାର ନିଶାମୁକ୍ତି ଆନ୍ଦୋଳନ। ପରିବାର ଓ ସମାଜ ଉପରେ ମଦର କୁପ୍ରଭାବକୁ ନେଇ ଚିନ୍ତିତ ହୋଇ ପଞ୍ଚାୟତର ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଏକଜୁଟ ହୋଇ ନିଶାମୁକ୍ତ ସମାଜ ଗଠନ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଶୁକ୍ରବାର ପଞ୍ଚାୟତର ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତା ଓ ସଦସ୍ୟାମାନଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ମହିଳା ସାମିଲ ହୋଇ ଆମ୍ବିକି, ଚାଉଳିଆ, ବଢେଇ ସାହି, ଭୁୟାଁ ସାହି, ଦାସ ସାହି ସମେତ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। "ଗାଁ ଗାଁରେ ମଦ ବେପାର ଚଳିବ ନାହିଁ", "ନିଶାମୁକ୍ତ ସମାଜ ଗଢ଼ିବା" ଭଳି ସ୍ଲୋଗାନ ଦେଇ ସେମାନେ ଜନସଚେତନତା ସୃଷ୍ଟି କରିଥିଲେ। ଶୋଭାଯାତ୍ରା ସମୟରେ ମହିଳାମାନେ ବିଭିନ୍ନ ଗ୍ରାମରେ ଚୋରା ମଦ ବେପାରୀଙ୍କ ଘରକୁ ଯାଇ ଏହି ବେଆଇନ କାରବାରରୁ ନିବୃତ୍ତ ରହିବାକୁ ଚେତାବନୀ ଦେଇଥିଲେ। ଯଦି ଚୋରା ମଦ ବିକ୍ରି ବନ୍ଦ ନହୁଏ, ତେବେ ସମ୍ପୃକ୍ତ ଘର ସମ୍ମୁଖରେ ଆନ୍ଦୋଳନ କରାଯିବା ସହ ପୁଲିସକୁ ଅବଗତ କରାଯିବ ଏବଂ ଗଚ୍ଛିତ ମଦକୁ ନଷ୍ଟ କରାଯିବ ବୋଲି ସେମାନେ କଡ଼ା ସତର୍କବାଣୀ ଶୁଣାଇଥିଲେ।




ମହିଳାମାନଙ୍କ କହିବା ଅନୁଯାୟୀ, ମଦ କାରଣରୁ ଅନେକ ପରିବାରରେ ଅଶାନ୍ତି ବଢୁଛି, ଆର୍ଥିକ ସ୍ଥିତି ବିଗିଡୁଛି ଏବଂ ଯୁବପିଢ଼ି ଭୁଲ ପଥକୁ ଯାଉଛନ୍ତି। ଏହି ସ୍ଥିତିର ପରିବର୍ତ୍ତନ ପାଇଁ ସମଗ୍ର ପଞ୍ଚାୟତକୁ ନିଶାମୁକ୍ତ କରିବାକୁ ସେମାନେ ସଂକଳ୍ପ ନେଇଛନ୍ତି। ଏହି ଆନ୍ଦୋଳନରେ ମା' ଅମ୍ବିକାଇ, ଲକ୍ଷ୍ମୀବାଇ, ଗୋରେଖନାଥ, ମହାବୀର, ତାରାତାରିଣୀ, ସଙ୍କଟମୋଚନ ଓ ବାଳକେଶ୍ୱର ପ୍ରମୁଖ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ସକ୍ରିୟ ଭାବେ ଭାଗ ନେଇଥିଲେ। ଅନ୍ନପୂର୍ଣ୍ଣା ସ୍ୱାଇଁ, ଟୁନି ଜେନା, ସୁମନ ଜେନା, ଅହଲ୍ୟା ମହାନ୍ତି, ରଶ୍ମିତା ଘଡେଇ, ନିରୁପମା ସାହୁ, ଟୁକୁନି ବିଶ୍ୱାଳ, ନମିତା ବିଶ୍ୱାଳ, ମାତା କାଣ୍ଡି ଓ ଆରତୀ କାଣ୍ଡି ପ୍ରମୁଖ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଆନ୍ଦୋଳନକୁ ସମର୍ଥନ ଜଣାଇ ଆମ୍ବିକି ପଞ୍ଚାୟତର ସରପଞ୍ଚ ରଞ୍ଜନ କୁମାର ଜେଠୀ ମଧ୍ୟ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମହିଳାମାନଙ୍କ ଏହି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ସମର୍ଥନ ମିଳୁଥିବା ଦେଖାଦେଇଛି।

### ବସ୍ତା ପଞ୍ଚାୟତ ସମିତି ବୈଠକ

# ଡାକ୍ତରଖାନାରେ ଖାଦ୍ୟ ଯୋଗାଣ ନେଇ ହଟଗୋଳ

**ବସ୍ତା,୩୦।୫ :** ପଞ୍ଚାୟତ ସମିତିର ସାଧାରଣ ବୈଠକ ବ୍ଲକ ସଭାଗୃହ ରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ଅଞ୍ଜଳୀ ଦାସଙ୍କ ଅଧ୍ୟକ୍ଷତା ରେ ଜଳେଶ୍ୱର ବିଧାୟକ ଅଶ୍ୱନୀ କୁମାର ପାତ୍ର, ବସ୍ତା ବିଧାୟିକା ସୁବାସିନୀ ଜେନା , ବିଡ଼ିଓ ମିହିର ରଞ୍ଜନ ବେହେରା, ଉପାଧକ୍ଷ ଦିଲ୍ଲୀପ ଦାସ ମହା ପାତ୍ର ଙ୍କ ସହ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ସଭ୍ୟା, ଜ଼ିଲ୍ଲାପରିଷଦଓ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ବସ୍ତା ମେଡିକାଲରେ ଡାକ୍ତର, ମିଶନ,ଖାଦ୍ୟ, ଜନ୍ମ ମୃତ୍ୟୁ ସାର୍ଟିଫିକେଟ ପଞ୍ଜିକରଣର ସମସ୍ୟା ,ମହିଳା ଶିଶୁ ବିକାଶ ବିଭାଗରେ ଅଙ୍ଗନବାଡି ଗୃହ ନିର୍ମାଣ, ଆର ଡବ୍ଲୁ ଏସ ଏସ ଦ୍ୱାରା ବ୍ଲକ ରେ ୩୧ ଟି ପଞ୍ଚାୟତରେ ପାଣି ଟାଙ୍କି ନିର୍ମାଣରେ ସମସ୍ୟା , ଖାଦ୍ୟ ସୁରକ୍ଷା ଯୋଜନା,ବିଦ୍ୟୁତ୍ ବିଭାଗ, ପୂର୍ତ୍ତ ବିଭାଗ, ଡ୍ରେନେଜ ବିଭାଗ କୁ ନେଇ ଆଲୋଚନା ହୋଇଥିଲା। ସମିତି ବୈଠକରେ କେତେକ ବିଭାଗ ରେ ବହୁ ମନମୁଖୀ କାର୍ଯ୍ୟ ହେଉଥିବା ବେଳେ ତାଙ୍କୁ ଗୋଟିଏ କଡରେ ବସିବାନେଇ କ୍ଷୋଭ ପ୍ରକାଶ କରିବାସହିତ ବସ୍ତା ବିଧାୟିକା




ସମସ୍ତଙ୍କୁ ତାଗିଦ କରିଥିଲେ।ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ 'ଇନଡୋର ରୋଗୀ'ଙ୍କୁ ଖାଦ୍ୟ ଠିକ ଭାବେ ଦିଆ ଯାଉନଥିବା ବିଶେଷ କରି ରାତିରେ ଖାଦ୍ୟ ନ ଦେଇ କାଗଜପତ୍ରରେ ଦିଆଯ।ଉଛି ବୋଲି ଉଲ୍ଲେଖ କରିବା ଏବଂ ରୋଗୀ କଲ୍ୟାଣ ସମିତି ବୈଠକ ଠିକ ସମୟରେ ନହେବା ପ୍ରସଙ୍ଗ ସମ୍ପର୍କରେ ଖୋଦ୍ ବିଧାୟକ। ନିଜର ଅସନ୍ତୋଷ ଝାଡି ଥିଲେ। ଭାନନ୍ଦିପୁର, ଖଣ୍ଡପସା ଅଙ୍ଗନବାଡ଼ି କେନ୍ଦ୍ର ଭାଙ୍ଗି ଯିବା ସମେତ ବିଭିନ୍ନ କେନ୍ଦ୍ରରେ ଅବ୍ୟବସ୍ଥା ସମ୍ପର୍କରେ ନୂଆ ସିଡ଼ିପିଓ ଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା କରି ସେ ସବୁର ସମାଧାନ ପାଇଁ ଚେଷ୍ଟା କରିବାକୁ କୁହାଯାଇଥଲା। ଗ୍ରାମାଞ୍ଚଳରେ ରାସ୍ତା ଘାଟ ଖରାପ ହୋଇ ଯାଇଥିବା ସମ୍ବନ୍ଧରେ ଗ୍ରାମ୍ୟ ଉନୟନ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା। ଏହି ପଞ୍ଚାୟତ ସମିତି ବୈଠକରେ ଜାମଶୂଳୀ ବିଦ୍ୟୁତ ଏସଡିଓ ଯୋଗ ନ ଦେବା ସମ୍ପର୍କରେ କେତେକ ସରପଞ୍ଚ ଆପତ୍ତି ଉଠାଇଥିଲେ। ବିଶେଷ କରି ପ୍ରତି ସମିତି ବୈଠକରେ ଯାହା ନିଷ୍ପତ୍ତି ଓ ଅଭିଯୋଗ ନିଆ ଯାଉଅଛି ତାହା ବାସ୍ତବରେ କାର୍ଯ୍ୟକାରୀ ହେଉନାହିଁବୋଲି ସରପଞ୍ଚ ସମିତିସଭ୍ୟ ଅଭିଯୋଗ କରିଥିଲେ ।

# ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

## ହତ୍ୟା ନା ଦୁର୍ଘଟଣା ? ତଦନ୍ତ କରୁଛି ପୋଲିସ

**ଜଗତସିଂହପୁର,୩୦।୫ :** ଏରସମା ବ୍ଲକ ନୁଆଡିହି ପଞ୍ଚାୟତ ଅନ୍ତର୍ଗତ ଏରସମା– ଚଟୁଆ ମୁଖ୍ୟ ରାସ୍ତା ନିକଟ ଜଳଉ ଅଞ୍ଚଳରେ ଆଜି ସକାଳୁ ଏକ କଲଭେଟ ଭିତରୁ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର ହେବା ପରେ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ସୂଚନା ଅନୁଯାୟୀ, ସକାଳ ସମୟରେ କିଛି ମଇଁଷି ଜଗୁଆଳି ମଇଁଷି ଚରାଇବାକୁ ଯାଉଥିବା ବେଳେ କଲଭଟ ଭିତରେ ଜଣେ ଯୁବକଙ୍କୁ ମୃତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ଏହାପରେ ସେମାନେ ନିକଟସ୍ଥ ଚିଙ୍ଗୁଡ଼ି ଘେରି ମାଲିକ ମନୋରଞ୍ଜନ ରାଉତଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ମନୋରଞ୍ଜନ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଦେଖି ତୁରନ୍ତ ଏରସମା ଥାନାକୁ ଖବର ଦେଇଥିଲେ। ଖବର ପାଇ ଏରସମା ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତ



ଯୁବକଙ୍କ ମୁହଁ ବହୁତ ଅଂଶରେ ବିକୃତ ହୋଇଯାଇଥିବାରୁ ତାଙ୍କ ପରିଚୟ ଜଣାପଡ଼ିନଥିଲା। ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରାଯାଇଥିଲେ ମଧ୍ୟ ମୃତକଙ୍କ ସମ୍ପର୍କରେ କୌଣସି ସଠିକ ସୂଚନା ମିଳିପାରିନଥିଲା। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପୋଲିସ ସାଇଣ୍ଟିଫିକ୍ ଟିମ୍‌କୁ ଡାକିଥିବା ବେଳେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କୁଜଙ୍ଗ ପଠାଯାଇଛି। ଯୁବକଙ୍କ ମୃତ୍ୟୁ କିପରି ଘଟିଲା, ଏହା ପଛରେ କୌଣସି ଅପରାଧିକ ଷଡଯନ୍ତ୍ର ରହିଛି କି ନାହିଁ, ସେନେଇ ପୋଲିସ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି। ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ନାନା ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ପୋଲିସ ତଦନ୍ତ ରିପୋର୍ଟକୁ ସମସ୍ତଙ୍କ ଅପେକ୍ଷା।

# ଓଡ଼ିଶା ଆର୍ଟ୍ସ ତରଫରୁ ଗ୍ରୀଷ୍ମ କାଳୀନ ଶିବିର ଉଦ୍‌ଯାପିତ



**ବ୍ରହ୍ମପୁର,୩୦।୫ :** ଗୋପାଳ କୃଷ୍ଣ ରଙ୍ଗ ମଞ୍ଚ ଠାରେ ଓଡିଶା ଆର୍ଟ୍ସ ତରଫରୁ ଆୟୋଜିତ ଗ୍ରୀଷ୍ମ କାଳୀନ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି । ମୁଖ୍ୟ ପରିଚାଳିକା ପ୍ରଣିତା ହୋତା, ମିନତା ମହାନ୍ତି ଓ ସରୋଜ କୁମାର୍ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମ ରେ ଅତିଥି ରୂପେ କର୍ପୋରେଟର୍ ଧିରେସ ସାବତ,ସମାଜସେବୀ ଏସ.ଅଜିତ୍ ପାତ୍ର, ଜଗଦୀଶ ପାଣିଗ୍ରାହୀ, କେସି ବାଳକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶଶାଙ୍କ କୁମାର୍ ପଣ୍ଡା, ପୂର୍ବତନ ପ୍ରଧାନ ଶିକ୍ଷକ ଏଚ ଭେଙ୍କଟ ରାଓ, ଶିକ୍ଷକ ଅମରେନ୍ଦ୍ର ରଥ, ବରିଷ୍ଠ ସାମ୍ବାଦିକ ସୁଦୀପ କୁମାର୍ ସାହୁ, ସିଟି ହସ୍ପିଟାଲ ର ଏସ ଏସ କେ ମ୍ୟାନେଜର ସୁଧୀର ବିଶ୍ୱାଳ, ସଂଯୋଜକ କାର୍ତ୍ତିକ ପାଣିଗ୍ରାହି ଓ ସମାଜସେବୀ ମନୋଜ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଏଠାରେ ବିଭିନ୍ନ ପ୍ରତି ଯୋଗିତାର କୃତି ପ୍ରତି ଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହି ପରୀ ଶିବିରରେ ଯୋଗ ଦେଇଥିବା ଶିଶୁ ମାନଙ୍କୁ ମଧ୍ୟ ମାନପତ୍ର ସହ ପୁରସ୍କାର ଦିଆଯାଇଥିଲା । ଗୁରୁ ମଧୁସ୍ମିତା ଦାସ, ସରୋଜ ଦାସ, ସୁରଜ କୁମାର ପାଳ, କାହ୍ନା ବେହେରା, କାଳିଆ ଓ ନିଳାଞ୍ଚଳ ବେହେରାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅୟୋଜନ କରାଯାଇଥିଲା।

# ଅନାଥ ଭାଇଭଉଣୀଙ୍କୁ ଘର ପାଇଁ ଛପର ଯୋଗାଇଦେଲେ କୋଟପାଡ଼ କଂଗ୍ରେସ ବିଧାୟକ ପ୍ରାର୍ଥୀ ଅନାମୁ ଦିଆନ

**ବୈପାରୀଗୁଡା, ୩୦।୫:** ଦୁଇ ସପ୍ତାହ ଧରି ସାରା ରାଜ୍ୟ ପ୍ରଚଣ୍ଡ ଖରା ତାତିରେ ଆଉଟୁ ପାଉଟ ହେଉଥିଲା ବେଳେ କାଳ ବୈଶାଖୀ ଦେଇଛି ଆଶ୍ୱସ୍ତି,କାହାର ଘରଦ୍ୱାର ଭାଙ୍ଗିଛି,ଆଉ କେଉଁଠି ଗଛ ପଡି ଜୀବନ ଯାପନ ଅସ୍ତବ୍ୟସ୍ତ ହେବା ସହିତ ଜୀବନ ହାନି ମଧ୍ୟ ହୋଇଛି,ଏପଟେ ଅଂଶୁଘାତରେ ପ୍ରାୟ ୨୫ଜଣ ଙ୍କ ଜୀବନ ଯାଇଥିଲା ବେଳେ ବିଭିନ୍ନ ଅଞ୍ଚଳରେ କାଳବୈଶାଖୀ ତାଣ୍ଡବ ରଚିଛି,ଗତ ୨୬ତାରିଖ ଦିନ କାଳ ବୈଶାଖୀ ତାଣ୍ଡବରେ ବୈପାରୀଗୁଡା ବ୍ଲକରେ ଭୟଙ୍କର ପବନ ସହିତ ପ୍ରବଳ ପବନ ଓ ବର୍ଷାରେ ଛିନ୍ନଛତ୍ର ହୋଇଥିଲା ସମଗ୍ର ଅଞ୍ଚଳ,ବିଶେଷକରି ଏହି ବ୍ଲକ ଦଣ୍ଡାବାଡ଼ି ଗ୍ରାମରେ ଗୋଟିଏ ଗରିବ ଘର ଛପର ଉଡାଇ ଆଜବେଷ୍ଟ୍ ଭାଙ୍ଗିଯାଇଥିଲା, ବେସାହାରା ହେଇଥିଲେ ଦୁଇ ଭାଇଭଉଣୀ, ଘରେ କେହି ବୟଜ୍ୟେଷ୍ଠ ସଦସ୍ୟ ନଥିବାରୁ ଦୁଃଖର ସହିତ ଭାଙ୍ଗିପଡି ଚିନ୍ତିତ ଥିବାର ଦେଖିବାର



ନଜର ଆସିଥିଲା,ଠିକ ସେହି ସମୟରେ ଦେବଦୂତ ସାଜି ସାହାରା ହେଲେ କୋଟପାଡ଼ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଶ୍ରୀ ଅନାମୁ ଦିଆନ, ଦୁଇ ଅନାଥ ଭାଇ, ଭଉଣୀଙ୍କ ସମ୍ପୂର୍ଣ୍ଣ ଘର ନିର୍ମାଣ ଓ ଛପର ପାଇଁ ପ୍ରଦାନ କଲେ ଆଜବେଷ୍ଟ ଟିଣ ଓ ଆର୍ଥିକ ସାହାଯ୍ୟ,ବିଶେଷକରି ଏହିପରି ମହତ କାର୍ଯ୍ୟ ପାଇଁ ସମଗ୍ର ଦଣ୍ଡାବାଡ଼ି ଗ୍ରାମରେ ଖୁସି ମୋହଲ ଦେଖିବାକୁ ମିଳିଥିଲା,ସମସ୍ତ ଦଣ୍ଡାବାଡ଼ି ପଞ୍ଚାୟତ ଗ୍ରାମବାସୀ ସଦସ୍ୟ ମାନେ ଅଞ୍ଚଳରେ କଂଗ୍ରେସ ପାର୍ଟିର ବିଧାୟକ ପ୍ରାର୍ଥୀ ଶ୍ରୀ ଅନାମୁ ଦିଆନଙ୍କୁ ଭୁୟସୀ ପ୍ରଶଂସା କରିବା ସହିତ ଧନ୍ୟବାଦ ପ୍ରଦାନ କରିଥିବାର ଦେଖିବାକୁ ମିଳିଥିଲା, ପୂର୍ବରୁ ଏହିପରି ମହତକାର୍ଯ୍ୟ ସହ ସହାୟତାକରି କୋଟପାଡ଼ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ବୁଦ୍ଧିଜୀବୀ ମହଲରେ ପ୍ରଶଂସା ସାଉଁଟି ଥିଲା ବେଳେ ଶ୍ରୀ ଦିଆନଙ୍କୁ ଏହି ମହାନ କାର୍ଯ୍ୟ ସହିତ ଦଣ୍ଡାବାଡ଼ିର ସମସ୍ତ ଅଞ୍ଚଳବାସୀ ଦୁଇ ଭାଇ,ଭଉଣୀଙ୍କୁ ସହାୟତା ଗୋଟିଏ ସୁନ୍ଦର ପଦକ୍ଷେପ, ଏହିପରି ଉଚିତ ସାହାଯ୍ୟ ତାହା ତିଳେ ମାତ୍ର ସନ୍ଦେହ ନାହିଁ, ଆଜବେଷ୍ଟ ଟିଣ ଓ କିଛି ଆର୍ଥିକ ସହାୟତା ପରେ ଦୁଇ ଭାଇ,ଭଉଣୀ ଦଣ୍ଡାବାଡି ପଂଚାୟତ ଅନ୍ତର୍ଗତ ବାଙ୍କୁଲି ଯୋଡି ଗ୍ରାମ,ଅନାଥ ଭାଇ ଭଉଣୀ ଲକ୍ଷ୍ମୀ ଖିଲ, ରାଜେଶ ଖିଲ ଶ୍ରୀ ଅନାମୁ ଦିଆନଙ୍କୁ ଖୁସି ମନରେ ଭୁୟସୀ ପ୍ରଶଂସା କରିଥିଲେ, ଆଜିର ଏହି ସହାୟତା ସମୟରେ କୋଟପାଡ଼ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଅନାମୁ ଦିଆନ, ବୈପାରୀଗୁଡା ବରିଷ୍ଠ କଂଗ୍ରେସ ନେତା ସତ୍ୟ ମହାନ୍ତି, କୋଟପାଡ଼ କଂଗ୍ରେସ ବରିଷ୍ଠ ନେତା ମନୋହର ବିଶୋଇଙ୍କ ସହିତ ସମସ୍ତ କଂଗ୍ରେସ କର୍ମୀ ମାନେ ଉପସ୍ଥିତ ଥିଲେ,ଅନାମୁ ଦିଆନଙ୍କ ଏହିପରି ସାମାଜିକ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗକୁ କୋଟପାଡ଼ ଏନ.ଏ.ସି ଅଧ୍ୟକ୍ଷ ଏମ ଶଙ୍କର ରାଓ,ବ୍ଲକ ସଭାପତି ଘନଶ୍ୟାମ ବିଶୋଇ,କୋଟପାଡ଼ କଂଗ୍ରେସ ଦଳର ବରିଷ୍ଠ ନେତା ତଥା ବାର ଆସସେସୀୟନ ସଭାପତି ମଣି ପ୍ରସାଦ ପଟ୍ଟନାୟକ,ବରିଷ୍ଠ ଓକିଲ ଜିତେନ୍ଦ୍ର ନାଥ ମହାପାତ୍ର, ବ୍ଲକ ସଭାପତି ଘନଶ୍ୟାମ ବିଶୋଇ ମୁନା ଖାନ,ପ୍ରକାଶ ମହାନ୍ତି, ଯେ ବାନାର୍ଜୀ ରାଓ, ସନ୍ତୋଷ ମିଶ୍ର, ଶଙ୍କର ପଣ୍ଡା,ପୁରନ ନାୟକ ପ୍ରମୁଖ କର୍ମୀମାନେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଅନାମୁ ଦିଆନଙ୍କୁ ଭୁୟସୀ ପ୍ରଶଂସା କରିଥିଲେ।

# ତେଲଙ୍ଗନାରେ ବନ୍ଧା ପଡ଼ିଛନ୍ତି କଳାହାଣ୍ଡିର ଏକ ପରିବାର

## ଅବସ୍ଥା ସଂଗୀନ,ବିରୋଧ କଲେ ଦିଆଯାଉଛି ଶାରୀରିକ ନିର୍ଯାତନା



**ଭବାନୀପାଟଣା,୩୦।୫ :** କଳାହାଣ୍ଡିରୁ ଏବେ ବି ଯାଉନି ଦାଦନ ଯନ୍ତ୍ରଣା। ପେଟ ପାଟଣା ପାଇଁ ଦୂର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ଶ୍ରମିକମାନେ ଆଜି ବି ଶୋଷଣ ଓ ନିର୍ଯାତନାର ଶିକାର ହେଉଛନ୍ତି। କେହି ଦାଦନ ଯାଇ ଫେରୁଛନ୍ତି ଅସୁସ୍ଥ ଅବସ୍ଥାରେ, ଆଉ କେହି ହରାଉଛନ୍ତି ଜୀବନ। ଏଭଳି ସମୟରେ ପୁଣି ସାମ୍ନାକୁ ଆସିଛି ଏକ ହୃଦୟବିଦାରକ ଘଟଣା। କଳାହାଣ୍ଡିର ଏକ ପରିବାର ତେଲଙ୍ଗନାର ଏକ ଇଟାଭାଟିରେ ଦୀର୍ଘ ୧୬ ମାସ ଧରି ବନ୍ଧା ପଡ଼ିଥିବା ଅଭିଯୋଗ କରିଛନ୍ତି। ଏକ ଭିଡିଓ ଜାରି କରି ସେମାନେ ନିଜର ଦୁଃଖ ବଖାଣିବା ସହ ପ୍ରଶାସନକୁ ଉଦ୍ଧାର ପାଇଁ ନିବେଦନ କରିଛନ୍ତି। ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଚିଙ୍ଗୁଡ଼ିସର ଗ୍ରାମପଞ୍ଚାୟତର ପରିଆଗାଁର ବାସିନ୍ଦା ତାରିଣୀ ମାଝୀ ନିଜ ପରିବାର ସହ ଜୀବିକା ଅନ୍ୱେଷଣରେ ତେଲଙ୍ଗନାକୁ ଯାଇଥିଲେ। ଅଭିଯୋଗ ଅନୁସାରେ, ଜଣେ ଠିକାଦାରଙ୍କ ଠାରୁ ୬୦ ହଜାର ଟଙ୍କା ଅଗ୍ରିମ ନେବା ପରେ ସେ ନିଜ ସ୍ତ୍ରୀ ଓ ତିନି ଛୋଟ ଛୋଟ ସନ୍ତାନଙ୍କୁ ନେଇ ୨୦୨୫ ମସିହା ଫେବୃଆରୀ ମାସରେ ଏକ ଇଟାଭାଟିରେ କାମ କରିବାକୁ ଯାଇଥିଲେ। ହେଲେ ସେଠାକୁ ଯିବା ପରେ ସେମାନଙ୍କ ଅବସ୍ଥା ଦିନକୁ ଦିନ ସଙ୍ଗୀନ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ତାରିଣୀ ମାଝୀଙ୍କ ପରିବାର ପକ୍ଷରୁ ଜାରି ହୋଇଥିବା ଭିଡିଓରେ ଦାବି କରାଯାଇଛି ଯେ, ସେମାନଙ୍କୁ ଯଥୋଚିତ ମଜୁରି ଦିଆଯାଉନାହିଁ। କେବଳ ରାସନ ସାମଗ୍ରୀ ଦେଇ ଦିନରାତି କାମ କରିବାକୁ ବାଧ୍ୟ କରାଯାଉଛି। ଏପରିକି କାମ କରିବାକୁ ଅସମର୍ଥତା ପ୍ରକାଶ କଲେ କିମ୍ବା ବିରୋଧ କଲେ ଶାରୀରିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ମଧ୍ୟ ସେମାନେ କରିଛନ୍ତି। ସବୁଠୁ ଚିନ୍ତାଜନକ ବିଷୟ ହେଉଛି, ସେମାନଙ୍କ ସହ ତିନି ଜଣ ଛୋଟ ଛୋଟ ଶିଶୁ ମଧ୍ୟ ରହିଛନ୍ତି। ପରିବାରଟି ନିଜକୁ ଏକପ୍ରକାର ବନ୍ଧା ଶ୍ରମିକ ଭଳି ରଖାଯାଇଥିବା ଦାବି କରି ଭିଡିଓ ମାଧ୍ୟମରେ ନିଜର ଦୁଃଖ ବଖାଣିଛନ୍ତି। ସେମାନେ ତୁରନ୍ତ ଉଦ୍ଧାର ଏବଂ ସୁରକ୍ଷିତ ଭାବେ ନିଜ ଗାଁକୁ ଫେରାଇ ଆଣିବା ପାଇଁ କଳାହାଣ୍ଡି ଜିଲ୍ଲା ପ୍ରଶାସନ, ଶ୍ରମ ବିଭାଗ ଏବଂ ସ୍ଥାନୀୟ ଜନପ୍ରତିନିଧିଙ୍କ ନିକଟରେ ଆକୁଳ ନିବେଦନ କରିଛନ୍ତି। ଏହି ଭିଡିଓ ସାମ୍ନାକୁ ଆସିବା ପରେ ପୁଣି ଥରେ କଳାହାଣ୍ଡିର ଦାଦନ ସମସ୍ୟା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ପ୍ରତିବର୍ଷ ଶତାଧିକ ଶ୍ରମିକ ଜୀବିକା ପାଇଁ ବାହାର ରାଜ୍ୟକୁ ଯାଉଥିବା ବେଳେ ସେମାନଙ୍କ ସୁରକ୍ଷା, ମଜୁରି ଓ ଅଧିକାରକୁ ନେଇ ପୁଣି ଥରେ ପ୍ରଶ୍ନ ଉଠିଛି। ତେବେ ତାରିଣୀ ମାଝୀ ଓ ତାଙ୍କ ପରିବାରର ଏହି ଆର୍ତ୍ତ ନିବେଦନ ପରେ ପ୍ରଶାସନ କେବେ ଚେତୁଛି ଏବଂ ସେମାନଙ୍କ ଉଦ୍ଧାର ପାଇଁ କେଉଁ ପଦକ୍ଷେପ ନେଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

# ସରକାରୀ ଜମିରୁ ବେଆଇନ ମାଟି ଖନନ

- ଯୁବକଙ୍କ ପ୍ରତିବାଦରେ ଫେରିଗଲା ଜେସିବି-ଟ୍ରାକ୍ଟର
- ତିର୍ତ୍ତୋଲରେ ମାଟି ମାଫିଆଙ୍କ ଦୌରାତ୍ମ୍ୟ
- ପ୍ରଶାସନର ଭୂମିକାକୁ ନେଇ ବଢୁଛି ପ୍ରଶ୍ନ






**ଜଗତସିଂହପୁର,୩୦।୫ :** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବିରିତୋଳ ଗ୍ରାମ ପଞ୍ଚାୟତର ସଲମପୁର ଗ୍ରାମରେ ସରକାରୀ ଜମିରୁ ବେଆଇନ ଭାବେ ମାଟି ଖନନ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଦୀର୍ଘ ଦିନ ଧରି କିଛି ପ୍ରଭାବଶାଳୀ ମାଟି ବ୍ୟବସାୟୀ ସରକାରୀ ସମ୍ପତ୍ତିକୁ ଲୁଟି ନେଉଥିବା ଅଭିଯୋଗ ହୋଇଆସୁଥିବା ବେଳେ, ସମ୍ପୃକ୍ତ ବିଭାଗ ଓ ପ୍ରଶାସନର ରହସ୍ୟମୟ ନିରବତା ଏବେ ସାଧାରଣ ଲୋକଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ସୂଚନା ଅନୁସାରେ, ସୋମବାର ସକାଳ ପ୍ରାୟ ୧୦ଟା ସମୟରେ ସଲମପୁର ଗ୍ରାମ ନିକଟସ୍ଥ ବନାପୁର ଶ୍ମଶାନ ପାଖରେ ଜେସିବି ଓ ଟ୍ରାକ୍ଟର ସହାୟତାରେ ବ୍ୟାପକ ଭାବେ ମାଟି ଖନନ କରାଯାଉଥିଲା। ଏହି ଖବର ପାଇ ଖର୍ଦ୍ଦା ସାହିର କିଛି ସଚେତନ ଯୁବକ ଘଟଣାସ୍ଥଳରେ ପହଞ୍ଚି ଏହାର ବିରୋଧ କରିଥିଲେ। ବେଆଇନ ଖନନକୁ ନେଇ ଯୁବକ ଓ ସମ୍ପୃକ୍ତ ବ୍ୟକ୍ତିଙ୍କ ମଧ୍ୟରେ ତୀବ୍ର ଯୁକ୍ତିତର୍କ ହୋଇଥିବା ଜଣାପଡ଼ିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରତିବାଦ ସମୟରେ କିଛି ଯୁବକ ଘଟଣାର ଭିଡିଓ ରେକର୍ଡିଂ କରୁଥିବା ବେଳେ, ମାଟି ଖନନରେ ସଂପୃକ୍ତ ବ୍ୟକ୍ତିମାନେ କେତେକ ପ୍ରଶାସନିକ ଅଧିକାରୀଙ୍କୁ ଟଙ୍କା ଦେଇ କାମ ଚଳାଉଥିବା କଥା କହୁଥିବା ଅଭିଯୋଗ ସାମ୍ନାକୁ ଆସିଛି। ଯଦି ଏହି ଅଭିଯୋଗର ସତ୍ୟତା ରହିଥାଏ, ତେବେ ଏହା କେବଳ ବେଆଇନ ମାଟି ଖନନ ନୁହେଁ, ବରଂ ପ୍ରଶାସନିକ ସ୍ୱଚ୍ଛତା ଉପରେ ଏକ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସ୍ଥାନୀୟ ଯୁବକମାନଙ୍କ କଡ଼ା ବିରୋଧ ପରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଥିଲା। ପରେ ଜେସିବି ଓ ଟ୍ରାକ୍ଟର ସେଠାରୁ ହଠାତ୍ ହଟାଇ ନିଆଯାଇଥିବା ଦେଖିବାକୁ ମିଳିଥିଲା। ତେବେ ପ୍ରଶ୍ନ ଉଠୁଛି—ଯଦି ଖନନ ବୈଧ ଥିଲା, ତେବେ ବିରୋଧ ପରେ କାହିଁକି ଯନ୍ତ୍ରପାତି ହଟାଇ ଦିଆଗଲା ? ଏବଂ ଯଦି ଏହା ବେଆଇନ ଥିଲା, ତେବେ ଏତେଦିନ ଧରି ପ୍ରଶାସନ କେଉଁଠି ଥିଲା ? ଅଞ୍ଚଳବାସୀଙ୍କ ଅଭିଯୋଗ, ତିର୍ତ୍ତୋଲ ଅଞ୍ଚଳରେ ବେଆଇନ ମାଟି ଖନନ ଏବେ ଏକ ଲାଭଜନକ ବ୍ୟବସାୟରେ ପରିଣତ ହୋଇଥିବା ବେଳେ, ଦାୟିତ୍ୱରେ ଥିବା ବିଭାଗଗୁଡ଼ିକ କେବଳ ଦର୍ଶକ ସାଜିଛନ୍ତି। ଏହା ଫଳରେ ସରକାରୀ ରାଜସ୍ୱ କ୍ଷତିଗ୍ରସ୍ତ ହେଉଥିବା ସହ ପରିବେଶ ଓ ସ୍ଥାନୀୟ ଜନଜୀବନ ଉପରେ ମଧ୍ୟ ପ୍ରଭାବ ପଡୁଛି। ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ, ଜିଲ୍ଲା ପ୍ରଶାସନ ଏହାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବ କି ନାହିଁ, ତାହା ଉପରେ ସମସ୍ତଙ୍କ ନଜର ରହିଛି। ସ୍ଥାନୀୟ ଲୋକେ ଦାବି କରିଛନ୍ତି ଯେ, ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ମାଟି ଖନନ ପଛରେ ଥିବା ସମସ୍ତ ବ୍ୟକ୍ତି ଓ ସମ୍ଭାବ୍ୟ ସୁରକ୍ଷାଦାତାଙ୍କ ଭୂମିକା ସାମ୍ନାକୁ ଅଣାଯାଉ।

## ବିଧବା ମହିଳାଙ୍କୁ ହତ୍ୟା

### ପୋଲିସର ତଦନ୍ତ ଆରମ୍ଭ

**ଗୋଳନ୍ଥରା,୩୦।୫ :** ଗୋଳନ୍ଥରା ଥାନା ଅଧିନସ୍ଥ ଚାନ୍ଦପୁର ଗ୍ରାମ ଭଣ୍ଡାରୀ ପୋଖରୀ ହୁଡ଼ାରେ ଜଣେ ବିଧବା ମହିଳାଙ୍କ କ୍ଷେତକ୍ତ ମୃତଦେହ ଗୋଳନ୍ଥରା ପୋଲିସ ଉଦ୍ଧାର କରିଛି । ମୃତ ମହିଳା ଜଣଙ୍କ ଚାନ୍ଦପୁର ହରିଜନ ସାହିର ଶାନ୍ତି ଦାସ ୪୫ ବର୍ଷ ବୋଲି ସୂଚନା ମିଳିଥିବା ବେଳେ ମୃତ ଶାନ୍ତି ଙ୍କ ପୁଅ ପିଣ୍ଟୁ ଦାସଙ୍କ ଏତଲା କ୍ରମେ ପୋଲିସ କେଶ ନଂ ୧୯୬/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହଯୋଗରେ ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁଯାଇ ଶୁକ୍ରବାର ସକାଳ ୭ଟା ବେଳେ ମୃତ ଶାନ୍ତି ଘରୁ ଏକ କାତି ନେଇ କାଠ କାଟିବା ପାଇଁ ଭଣ୍ଡାରୀ ପୋଖରୀ ନିକଟକୁ ଯାଇଥିଲେ। ସନ୍ଧ୍ୟା ଯାଏଁ ଘରକୁ ନ ଫେରିବାରୁ ଶାନ୍ତିଙ୍କ ଝିଅ ଖୋଜିବା ପାଇଁ ପୋଖରୀ ନିକଟକୁ ଯାଇଥିଲେ । ସେଠାରେ ଶାନ୍ତିଙ୍କ କ୍ଷେତକ୍ତ ମୃତଦେହ ପଡ଼ିଥିବା ଦେଖି ଗାଁ ଲୋକଙ୍କୁ ଖବର ଦେଇଥିଲେ । ଖବର ପାଇ ଅତିରିକ୍ତ ଏସପି ଆଲୋକ କୁମାର ଜେନା, ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ପରିଡା,ଗୋଳନ୍ଥରା ଥାନା ଆଇଆଇସି ଟୁନା ସାସମଲ, ଏଏସଆଇ ରମେଶ ଚନ୍ଦ୍ର ଚୌଧୁରୀ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ତନାଘନା କରିଛନ୍ତି । ଘଟଣା ସ୍ଥଳରୁ ପୋଲିସ ରକ୍ତ ଲଗା କାତି ଓ କିଛି ସାମଗ୍ରୀ ଜବତ କରିଥିବା ସୂଚନା ମିଳିଛି । ସହ ଘଟଣା ସ୍ଥଳରେ ପହଁଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଶାନ୍ତିକୁ କେହି ଦୁର୍ବୃତ୍ତ କାତିରେ ହାଣି ହତ୍ୟା କରି ଚାଲି ଯାଇଥିବା ସନ୍ଦେହ କରା ଯାଉଥିବା ବେଳେ କିଏ କାହିଁକି ହତ୍ୟା କଲା କିଛି କାରଣ ସ୍ପଷ୍ଟ ହୋଇ ନଥିବା ବେଳେ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଥିବା ତଦନ୍ତ ଅଧିକାରୀ ଏସଆଇ ଗଗନ କୁମାର ବେହେରା ସୂଚନା ଦେଇଛନ୍ତି ।

## ବୁଥସ୍ତରିୟ ଅଧିକାରୀଙ୍କୁ ଛତା ବଣ୍ଟନ କଲେ କର୍ପୋରେଟର



**ବ୍ରହ୍ମପୁର,୩୦।୫ :** ବ୍ରହ୍ମପୁରରେ ସ୍ୱତନ୍ତ୍ର ସଘନ ସଂଶୋଧନ ତଥା ଏସ ଆଇ ଆର୍ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଛି ।ଏହି ପରିପ୍ରେକ୍ଷୀରେ ମହାନଗର ୱାର୍ଡ ୩୨ ଅଞ୍ଚଳରେ ଏହି କାର୍ଯ୍ୟ ଲାଗି ନିୟୋଜିତ ବୁଥ ସ୍ତରୀୟ ଅଧିକାରୀ ମାନଙ୍କୁ ଛତା ବଣ୍ଟନ କରାଯାଇଥିଲା। ପ୍ରଚଣ୍ଡ ଖରାକୁ ଦୃଷ୍ଟି ରେ ରଖି କର୍ପୋରେଟର ସୁରେନ୍ଦ୍ର ମହାରଣା ନିଜେ ଘର୍ ଘର୍ ବୁଲି କାର୍ଯ୍ୟରେ ସହଯୋଗ କରିବା ସହ ବୁଥ ସ୍ତରୀୟ ଅଧିକାରୀ ମାନଙ୍କୁ ଛତା ବଣ୍ଟନ କରିଥିଲେ । ପ୍ରାୟ ୨୫ ଜଣକୁ ମାଗଣାରେ ଏପରି ଛତା ବଣ୍ଟନ କରାଯିବ ବୋଲି କର୍ପୋରେଟର ମହାରଣା କହିଛନ୍ତି । ମେ ୩୦ ତାରିଖ ୨୦୨୬ ଠାରୁ ୨୮ ଜୁନ୍ ୨୦୨୬ ପର୍ଯ୍ୟନ୍ତ ବୁଥ ସ୍ତରୀୟ ଅଧିକାରୀ ମାନେ ଘରକୁ ଘର ଯାଇ ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କରିବେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଭୋଟରଙ୍କୁ ଅଧିକାରୀଙ୍କୁ ସହଯୋଗ କରିବା ସହ ଆବଶ୍ୟକ ପ୍ରମାଣପତ୍ର ପ୍ରସ୍ତୁତ ରଖିବାକୁ ଅନୁରୋଧ କରାଯାଇଛି।

## ବ୍ଲକ ଅଧ୍ୟକ୍ଷ ଆପନ୍ନା ସେଠୀଙ୍କ ପରଲୋକ

### ଅଞ୍ଚଳରେ ଶୋକର ଛାୟା



**ଚିକିଟୀ,୩୦।୫ :** ଚିକିଟୀ ବ୍ଲକ ଅଧ୍ୟକ୍ଷ ଆପନ୍ନା ସେଠୀଙ୍କ ପରଲୋକ ଘଟିଥିବା ଖବର ପ୍ରଚାରିତ ହେବା ପରେ ସମଗ୍ର ଚିକିଟୀ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ଜନପ୍ରିୟ ଜନପ୍ରତିନିଧି ଭାବେ ଅଞ୍ଚଳର ବିକାଶ ଓ ଲୋକଙ୍କ ସେବା ପାଇଁ ନିରନ୍ତର କାର୍ଯ୍ୟ କରୁଥିଲେ। ତାଙ୍କ ଅକାଳ ବିୟୋଗରେ ଜନସାଧାରଣ, ବିଭିନ୍ନ ରାଜନୈତିକ ଦଳର ନେତା, ପଞ୍ଚାୟତ ପ୍ରତିନିଧି ଏବଂ ସାମାଜିକ ସଂଗଠନମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି । ତାଙ୍କର ମୃତ୍ୟୁ ଚିକିଟୀ ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମତ ପ୍ରକାଶ ପାଇଛି। ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି । ତାଙ୍କର ଜନସେବା ଓ ନେତୃତ୍ୱ ଦୀର୍ଘଦିନ ଧରି ଲୋକଙ୍କ ମନରେ ସ୍ମରଣୀୟ ହୋଇ ରହିବ।

## ‘ରାଜସ୍ୱ ଆଳରେ ଛାତ୍ର ଯୁବକଙ୍କୁ ନିଶାସକ୍ତ କରିବା ରାଷ୍ଟ୍ରର କାମ ନୁହଁ’

### ଆଖିରେ କଳାପଟି ବାନ୍ଧି ଲଟେରୀ ଉଠାଇବା ପ୍ରସଙ୍ଗ

**ବ୍ରହ୍ମପୁର,୩୦।୫ :** ନିଶା ନିବାରଣ ଆଇନ, ୧୯୫୬କୁ ଲାଗୁ କରିବାରେ ରାଜ୍ୟ ସରକାର ବିଫଳ ହେବା ପରଠୁଁ ମଦ, ସିଗାରେଟ, ଖଇନି ତଥା ସମସ୍ତ ପ୍ରକାର ନିଶା ଦ୍ରବ୍ୟର ପ୍ରଚାର ପ୍ରସାରରେ ନିଜେ ରାଜ୍ୟ ସରକାର ଅଣ୍ଟା ଭିଡ଼ି ଲାଗିପଡ଼ିବା ଏକ ସଭ୍ୟ ସମାଜ ପାଇଁ ଅତ୍ୟନ୍ତ ନିର୍ଲଜ ବ୍ୟବସ୍ଥା ବୋଲି ମାନବ ଅଧିକାର ସୁରକ୍ଷା ମଞ୍ଚର ଆବାହକ ଆଇନଜୀବି ଅବନୀ ଗୟା ଦୃଢ଼ ଅଭିଯୋଗ କରିଛନ୍ତି । ସମଗ୍ର ରାଜ୍ୟ ତଥା ଗଞ୍ଜାମ ଜିଲ୍ଲାରେ ଏକ ତରଫା ଭାବେ ନିଶା କାରବାର ବୃଦ୍ଧି ପାଇ ମୁଖ୍ୟତଃ ଛାତ୍ର ଓ ଯୁବ ଗୋଷ୍ଠୀ ଏହାର ଶିକାର ହେଉଥିବାବେଳେ ହତ୍ୟା, ଗଣ ଦୁଷ୍କର୍ମ, ଭିଡ ହିଂସା, ଆଦି ଜଘନ୍ୟ ଅପରାଧ ପ୍ରବଳ ମାତ୍ରାରେ ବୃଦ୍ଧି ପାଉଛି । ଏହାକୁ ନିୟନ୍ତ୍ରଣ କରି ଅପରାଧର ସାମ୍ରାଜ୍ୟକୁ ରୋକିବା ପାଇଁ ମଦ ମାଦକ ଦ୍ରବ୍ୟ ର ପ୍ରସାରକୁ ବନ୍ଦ କରିବା ଆବଶ୍ୟକ ବେଳେ ରାଜ୍ୟ ସରକାର ରାଜସ୍ୱ ସଂଗ୍ରହ ନାଁ ରେ ଅବାଧ ଭାବେ ଏହାର ପ୍ରଚାର ପ୍ରସାରରେ ଲାଗିପଡିଛନ୍ତି। ଇତି ମଧ୍ୟରେ ମଦ କୁ ସରକାରୀ, ବେସରକାରୀ ତଥା ସ୍ୱୀକୃତି ପ୍ରାପ୍ତ ଓ ବେଆଇନ ଭାବେ ମଧ୍ୟ ଭାଗ ଭାଗ କରିସାରିଛନ୍ତି । ଗଞ୍ଜାମ ଅବକାରୀ ଜିଲ୍ଲା ଅଧୀନରେ ଥିବା ସରକାରୀ ବିଦେଶୀ ମଦ ଦୋକାନ ଆବଣ୍ଟନ ପାଇଁ ଗଞ୍ଜାମ ଜିଲ୍ଲାପାଳ ଆଖିରେ କଳାପଟି ବାନ୍ଧି ଲଟେରୀ ଉଠାଇବା ପ୍ରସଙ୍ଗ ସଭ୍ୟ ସମାଜ ପାଇଁ ଏକ ଅତ୍ୟନ୍ତ ସଙ୍କଟାପନ୍ନ ପରମ୍ପରା ଦର୍ଶାଉଛି ଏବଂ ଏହା ସମଗ୍ର ରାଜ୍ୟରେ ରାଜ୍ୟ ଅବକାରୀ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ପରିଚାଳନା ହେଉଛି । ଏହି ସମ୍ପୂର୍ଣ ଟେଣ୍ଡର ପ୍ରକ୍ରିୟାକୁ ତ୍ୱରାନ୍ୱିତ ପାଇଁ ଜିଲ୍ଲାପାଳ ମାନଙ୍କ ସହ ଅନ୍ୟ ଉଚ୍ଚପଦସ୍ଥ ପ୍ରଶାସନିକ ଓ ଅବକାରୀ ଅଧିକାରୀ ମାନଙ୍କୁ ଅତ୍ୟନ୍ତ ସମ୍ବେଦନହୀନ ଭାବେ ପ୍ରୟୋଗ କରାଯାଇଛି । ସମାଜର ବହୁଳ କ୍ଷତି କରୁଥିବା, ଛାତ୍ର ଯୁବ ସମାଜକୁ ବିପଦଗାମୀ କରୁଥିବା, ମହିଳା ଙ୍କ ଉପରେ ହିଂସା, ନିର୍ଯାତନା ବଢ଼ାଉଥିବା, ଲୋକଙ୍କ ଆର୍ଥିକ ସଙ୍କଟ ବଢିବା ସହ ସେମାନଙ୍କ ଧନ ଜୀବନକୁ ବିପଦରେ ପକାଉଥିବା ମଦ ମାଦକ ଦ୍ରବ୍ୟକୁ ବେଆଇନ ବା ନିଷିଦ୍ଧ ଘୋଷଣା ଆବଶ୍ୟକ ବେଳେ ସରକାର ଏଭଳି ଘୃଣ୍ୟ ଜନ ବିରୋଧୀ ପଦକ୍ଷେପ ନେବାକୁ ସମାଜବାଦୀ ଅନୁଷ୍ଠାନ ମାନବ ଅଧିକାର ସୁରକ୍ଷା ମଞ୍ଚ ଦୃଢ଼ ନିନ୍ଦା କରିଛି ।

**ପାରାଦୀପରେ ଚାଞ୍ଚଲ୍ୟ**

## ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ଘର ଉପରେ ପେଟ୍ରୋଲ ବୋମାମାଡ଼

- ଅଳ୍ପକେ ବର୍ତ୍ତିଲା ବଡ଼ ଅଘଟଣ





**ଜଗତସିଂହପୁର, ୩୦।୫ :** ପାରାଦୀପ ସହରରେ ଶନିବାର ସନ୍ଧ୍ୟାରେ ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ପାରାଦୀପ ପୌର ପରିଷଦର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ବାସଭବନ ଉପରକୁ ଦୁର୍ବୃତ୍ତମାନେ ପେଟ୍ରୋଲ ବୋମା ମାଡ଼ କରି ଫେରାର ହୋଇଯାଇଛନ୍ତି। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଭୟ ଓ ଉତ୍ତେଜନାର ପରିବେଶ ସୃଷ୍ଟି ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ସନ୍ଧ୍ୟା ପ୍ରାୟ ସାଢେ ୬ଟାରୁ ୭ଟା ମଧ୍ୟରେ ଗୋଟିଏ ସ୍କୁଟିରେ ତିନିଜଣ ଯୁବକ ତାରିଣୀ ମାର୍କେଟ ପଟରୁ ଆସି ପୌରାଧ୍ୟକ୍ଷଙ୍କ ବାସଭବନକୁ ଲକ୍ଷ୍ୟ କରି ପେଟ୍ରୋଲ ବୋମା ଫିଙ୍ଗିଥିଲେ। ତେବେ ସୌଭାଗ୍ୟବଶତଃ ବୋମାଟି ସିଧାସଳଖ ଘର ଭିତରକୁ ନ ପଡ଼ି କାନ୍ଥରେ ବାଜି ତଳକୁ ଖସି ପଡ଼ିଥିଲା। ବୋତଲଟି ଭାଙ୍ଗିଯିବା ପରେ ତାହାରେ ଥିବା ଦାହ୍ୟ ପଦାର୍ଥ ଚାରିଆଡ଼େ ବିଛୁଡ଼ି ହୋଇଯାଇଥିଲା ଏବଂ କିଛି ସମୟ ପାଇଁ ନିଆଁ ଜଳି ଉଠିଥିଲା। ତେବେ ଅଳ୍ପ ସମୟ ମଧ୍ୟରେ ନିଆଁ ଆପେ ଆପେ ଲିଭି ଯାଇଥିଲା। ଏହି ଘଟଣାରେ କୌଣସି ଜନହାନି କିମ୍ବା ବଡ଼ ଧରଣର କ୍ଷୟକ୍ଷତି ହୋଇନଥିବା ଜଣାପଡ଼ିଛି। ନଚେତ୍ ଏକ ଭୟାବହ ଅଘଟଣ ଘଟିପାରୁଥାନ୍ତା ବୋଲି ସ୍ଥାନୀୟ ଲୋକେ ମତ ପ୍ରକାଶ କରିଛନ୍ତି। ଘଟଣାର ଖବର ପାଇ ପାରାଦୀପ ଆଦର୍ଶ ଥାନା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ଭଙ୍ଗା ବୋତଲର ଅବଶିଷ୍ଟାଂଶ ଜବତ କରିଥିବା ବେଳେ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି। ଏହି ଆକ୍ରମଣ ପଛରେ କିଏ ଓ କେଉଁ ଉଦ୍ଦେଶ୍ୟରେ ରହିଛି, ତାହା ଜାଣିବା ପାଇଁ ପୋଲିସ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି। ଜନପ୍ରତିନିଧିଙ୍କ ବାସଭବନ ଉପରେ ଏଭଳି ପେଟ୍ରୋଲ ବୋମାମାଡ଼ ଘଟଣା ସହରର ଆଇନଶୃଙ୍ଖଳା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଥିବା ବେଳେ ଦୋଷୀଙ୍କୁ ଶୀଘ୍ର ଗିରଫ କରିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ଜୋର ଧରିଛି। ପୋଲିସ ପକ୍ଷରୁ ଘଟଣାର ସମସ୍ତ ଦିଗକୁ ଗୁରୁତ୍ୱର ସହ ଅନୁଧ୍ୟାନ କରାଯାଉଥିବା ସୂଚନା ମିଳିଛି।

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ



**ଗୋପାଳପୁର,୩୦।୫ :** ଭାରତୀୟ ଜନତା ପାର୍ଟି ଗଞ୍ଜାମ ଜିଲ୍ଲା ପକ୍ଷରୁ ଜିଲ୍ଲା ସଭାପତି ସରୋଜ ସାବତଙ୍କ ଅଧ୍ୟକ୍ଷତାରେ ଗୋପାଳପୁର ସ୍ଥିତ ହୋଟେଲ୍ ପ୍ରମୋଦ ରେଡ଼ିସନ୍ ଠାରେ ଚାଲିଥିବା ‘ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ - ୨୦୨୬’ ପ୍ରଶିକ୍ଷଣ ବର୍ଗର ଦିତୀୟ ଦିବସର ଅଷ୍ଟମ ସତ୍ରରେ ଓଡ଼ିଶା ସରକାରଙ୍କ ମାନ୍ୟବର ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇ ଆଗାମୀ ଦିନରେ ରାଜ୍ୟରେ ହେବାକୁ ଥିବା ପଞ୍ଚାୟତ, ପୌର ଏବଂ ସମବାୟ ନିର୍ବାଚନର ପୂର୍ବ ପ୍ରସ୍ତୁତି ସହିତ ଭାରତୀୟ ଜନତା ପାର୍ଟିକୁ କିଭଳି ଯଶସ୍ୱୀ କରାଇହେବ ସେହି ବିଷୟ ଉପରେ ପ୍ରଶିକ୍ଷାର୍ଥୀ ମାନଙ୍କୁ ମାର୍ଗ ଦର୍ଶନ କରିଥିଲେ । ପ୍ରଶିକ୍ଷାର୍ଥୀ ମାନେ ନିଜର ସର୍ବସ୍ୱ ଦେଇ ଆଗାମୀ ନିର୍ବାଚନରେ ବୁଥ୍ ବିଜୟର ସଂକଳ୍ପ ଏହି ପ୍ରଶିକ୍ଷଣ ବର୍ଗରୁ ନିଅନ୍ତୁ ବୋଲି ମାନ୍ୟବର ମନ୍ତ୍ରୀ ବିଭୂତି ଭୂଷଣ ଜେନା ଆହ୍ୱାନ ଦେଇଥିଲେ । ମୋଦି ସରକାରଙ୍କ ୧୨ ବର୍ଷ ଏବଂ ମୋହନ ସରକାରଙ୍କ ୨ ବର୍ଷର ଜନ କଲ୍ୟାଣ ଯୋଜନାକୁ ଲାଭାର୍ଥି ମାନଙ୍କ ପାଖରେ ପହଞ୍ଚାଇବା ପ୍ରଶିକ୍ଷାର୍ଥୀ ମାନଙ୍କର ପ୍ରଥମ ଲକ୍ଷ ହେଉ ବୋଲି ମାନ୍ୟବର ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଥିଲେ । ଏହି ସତ୍ରକୁ ଜିଲ୍ଲା ସାଧାରଣ ସମ୍ପାଦକ ପଦ୍ମ ଚରଣ ସାହୁ ମଞ୍ଚ ସଞ୍ଚାଳନ କରିଥିଲେ । ନବମ ସତ୍ରରେ ଜିଲ୍ଲା ଉପସଭାପତି ପ୍ରଭାତ କିରଣ ଷଡ଼ଙ୍ଗୀ ମଞ୍ଚ ସଞ୍ଚାଳନ କରିଥିବା ବେଳେ ବିଜେପି ବାର୍ତ୍ତା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ବିଜେପିର ଇତିହାସ ଏବଂ ବିକାଶ ଉପରେ ପ୍ରଶିକ୍ଷାର୍ଥୀ ମାନଙ୍କୁ ମାର୍ଗ ଦର୍ଶନ କରିଥିଲେ । ଦଶମ ସତ୍ରରେ ଜିଲ୍ଲା ଉପସଭାନେତ୍ରୀ ଶ୍ରୀମତୀ ରତ୍ନଗର୍ଭା ସରସ୍ୱତୀ ଦେବୀ ମଞ୍ଚ ସଞ୍ଚାଳନ କରିଥିବା ବେଳେ ପ୍ରକାଶ ମଙ୍ଗରାଜ ପ୍ରଶିକ୍ଷାର୍ଥୀ ମାନଙ୍କୁ ସରଳ, ସ୍ପଷ୍ଟ ଏବଂ ପ୍ରଭାବଶାଳୀ ହୋଇ ବ୍ୟବହାରିକ ସମ୍ପର୍କରେ ମାର୍ଗ ଦର୍ଶନ କରିଥିଲେ । ଏକାଦଶ ସତ୍ରରେ ଜିଲ୍ଲା ସାଧାରଣ ସମ୍ପାଦକ ସିଦ୍ଧାନ୍ତ ଗଙ୍ଗଦେବ ମଞ୍ଚ ସଞ୍ଚାଳନ କରିଥିବା ବେଳେ ବିଜେପିର ବରିଷ୍ଠ ନେତା ସରୋଜ କର ବିଚାର ପରିବାର ଉପରେ ମାର୍ଗ ଦର୍ଶନ କରିଥିଲେ । ସମାରୋପ ସତ୍ରରେ ଆସିକା ସାଂସଦ ଶ୍ରୀମତୀ ଅନିତା ଶୁଭଦର୍ଶିନୀ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗରିବ କଲ୍ୟାଣ ଯୋଜନା ଉପରେ ପ୍ରଶିକ୍ଷାର୍ଥୀ ମାନଙ୍କୁ ମାର୍ଗ ଦର୍ଶନ କରିଥିଲେ । ଉଦ୍ଦେଶ୍ୟ କେବଳ ଯୋଜନା ନୁହେଁ, ବରଂ ଜନ କଲ୍ୟାଣ ଓ ସଶକ୍ତିକରଣ । କେବଳ ହିତାଧିକାରୀ ନୁହେଁ ବରଂ ଦାୟୀତ୍ୱବାନ ଏବଂ ଭାଗିଦାରୀ ନାଗରିକ ସୃଷ୍ଟି କରିବା। ଶେଷ ଧାଡ଼ିର ଶେଷ ବ୍ୟକ୍ତି ପର୍ଯ୍ୟନ୍ତ ବିକାଶ ପହଞ୍ଚାଇବା ସହ ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ ଏହା ହିଁ ନୂତନ ଭାରତର ମନ୍ତ୍ର ବୋଲି ସାଂସଦ ଅନିତା ଶୁଭଦର୍ଶିନୀ କହିଥିଲେ । ସମାରୋପ ସତ୍ରରେ ଭାରତୀୟ ଜନତା ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ସତପଥୀ ଯୋଗ ଦେଇ ବିଜେପି କାର୍ଯ୍ୟକର୍ତ୍ତା କେବଳ ରାଜନୀତି ନୁହେଁ ବିକଶିତ ଭାରତ ନିର୍ମାଣରେ ଏକ ମୁଖ୍ୟ ଭୂମିକା ନେବା ଉଚିତ ବୋଲି ମାର୍ଗ ଦର୍ଶନ କରିଥିଲେ । ବିକଶିତ ରାଷ୍ଟ୍ର ମାନେ ଭାରତର ପଥ ବାଧକ ସାଜିଥିବା ବେଳେ ଭାରତ କିନ୍ତୁ ସମଗ୍ର ବିଶ୍ୱକୁ ଲାଇଟ୍ ହାଉସ୍ ଭଳି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ମାର୍ଗ ଦର୍ଶନ କରାଉଛି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ସତପଥୀ କହିଥିଲେ । ଯୋଗ ହେଉଛି ଏକ ପ୍ରାଚୀନ ଭାରତୀୟ ସାଧନା ପ୍ରଣାଳୀ, ଯାହା ଶରୀର, ମନ ଓ ଆତ୍ମାର ସମନ୍ୱୟ ସ୍ଥାପନ କରେ । ନିୟମିତ ଯୋଗାଭ୍ୟାସ ଦ୍ୱାରା ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିଥାଏ ଏବଂ ମାନସିକ ଚାପ କମିଥାଏ । ଯୋଗ ଆମକୁ ଏକାଗ୍ରତା, ଧୈର୍ଯ୍ୟ ଓ ସକାରାତ୍ମକ ଚିନ୍ତାଧାରା ବିକଶିତ କରିବାରେ ସହାୟତା କରେ । ଆଜିର ବ୍ୟସ୍ତ ଜୀବନଶୈଳୀରେ ଯୋଗ ଏକ ସୁସ୍ଥ ଓ ସନ୍ତୁଳିତ ଜୀବନ ପାଇଁ ଅତ୍ୟନ୍ତ ଆବଶ୍ୟକ ।

## ବାବା ଧବଳେଶ୍ୱର ୱେବ ମିଡ଼ିଆ ମହାସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ମହୋତ୍ସବ



**ଆଠମଲ୍ଲିକ,୩୦।୫ :** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡରେ କାର୍ଯ୍ୟରତ ଅଗ୍ରଣୀ ସାମ୍ବାଦିକ ସଂଗଠନ ବାବା ଧବଳେଶ୍ୱର ୱେବ ମିଡ଼ିଆ ମହାସଂଘ’ ପକ୍ଷରୁ ଏକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ନୂଁନୁକାପଶି ପଂଚାୟତ ଅନ୍ତର୍ଗତ ବଇଣ୍ଡା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅତ୍ୟନ୍ତ ମହାସମାରୋହ ଓ ଉତ୍ସାହର ସହ ପାଳିତ ହୋଇଛି। ମହୋତ୍ସବର ପ୍ରାରମ୍ଭରେ ନିମନ୍ତ୍ରିତ ଅତିଥିମାନେ ଆନୁଷ୍ଠାନିକ ଭାବେ ଫିତା କାଟି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହାପରେ ବିଦ୍ୟାଦାତା ଶ୍ରୀଗଣେଶଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ଦୀପ ପ୍ରଜ୍ଜ୍ୱଳନ କରାଯାଇ ୫ ମିନିଟର ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ପରେ ସଭାମଞ୍ଚକୁ ଅତିଥିମାନଙ୍କୁ ଆମନ୍ତ୍ରଣ କରାଯାଇ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଭବ୍ୟ ସ୍ୱାଗତ କରାଯାଇଥିଲା। ମହାସଂଘର ସ୍ଥାୟୀ ସଭାପତି କରୁଣାକର ନାୟକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ। ମୁଖ୍ୟ ଅତିଥି ହଣ୍ଡପା ଥାନା ଭାରପ୍ରାପ୍ତ ଅଧିକାରୀ ରାଜେଶ କୁମାର ଶତପଥି ମୁଖ୍ୟବକ୍ତା ଠାକୁରଗଡ଼ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଚିତାନନ୍ଦ ଦେହୁରୀ ସଂମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ସାହୁ ଅନୁଗୋଳ ଜିଲ୍ଲା ସାମ୍ବାଦିକ ୟୁନିୟନ ସଭାପତି ଅଜିତ ଧର ବିଲେଇନାଳି ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶ୍ୱିକ କୁମାର ଜେନା,କିଶୋରନଗର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମଙ୍ଗୁଲୁ ପ୍ରଧାନ, ଲୁହାମୁଣ୍ଡା ମା ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅରୁଣ କୁମାର ସାହୁ,ବଇଣ୍ଡା ଧରଣୀଧର ପବ୍ଲିକ ସ୍କୁଲ ଚେୟାରମ୍ୟାନ ପ୍ରିୟରଞ୍ଜନ ସାହୁ, ସମାଜସେବୀ ଶତ୍ରୁଘ୍ନ ସାହୁ ଅତିଥିମାନେ ନିଜ ନିଜ ଅଭିଭାଷଣରେ ସମାଜରେ ଶିକ୍ଷା, ସଂସ୍କୃତି ଓ କଳାର ବିକାଶ ଉପରେ ଗୁରୁତ୍ୱପୂର୍ଣ୍ଣ ଏବଂ ବିଷଦ ଆଲୋଚନା କରିଥିଲେ। ଏହି ଅବସରରେ ମହାସଂଘ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ପ୍ରତିଭାମାନଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଥିଲେ: ଚଳିତ ବର୍ଷ ମାଟ୍ରିକ ଓ ଯୁକ୍ତ ଦୁଇ (+୨) ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା କୃତୀ ଛାତ୍ରଛାତ୍ରୀ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha

Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati